## ପୂର୍ବ ଘୋଷଣାର ପରିବର୍ତ୍ତନ

# ସମ୍ବଲପୁରରେ ରୋହିତ, ରେଢ଼ାଖୋଲରେ ପ୍ରସନ୍ନ

**ସମ୍ବଲପୁର,୧୭।୪(ସମିସ)**

ସମ୍ବଲପୁର ଓ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀରେ ପରିବର୍ତ୍ତନ କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ବିଧାନସଭା ଆସନ ପାଇଁ ରୋହିତ ପୂଜାରୀ ଓ ରେଢ଼ାଖୋଲ ପାଇଁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ ଘୋଷଣା

- ସମର୍ଥକଙ୍କ ଉତ୍ସାହ ଦ୍ୱିଗୁଣିତ
- ଚାରିଆଡ଼େ ସ୍ୱାଗତ କାର୍ଯ୍ୟକ୍ରମ

କରିଛନ୍ତି। ଗତ ଏପ୍ରିଲ ୧୧ରେ ବିଜେଡି ପକ୍ଷରୁ ସମ୍ବଲପୁର ବିଧାନସଭା ଆସନ ପାଇଁ ପ୍ରସନ୍ନ ଓ ରେଢ଼ାଖୋଲ ପାଇଁ ପୁଣିଥରେ ରୋହିତଙ୍କୁ ପ୍ରାର୍ଥୀ କରାଯାଇଥିଲା। ତେବେ ଆଜି ପ୍ରାର୍ଥୀ ଅଦଳବଦଳ କରାଯାଇଛି। ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଜେଡିର ଉଭୟଙ୍କ ସମର୍ଥକ ଉତ୍ସାହିତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି ବାଣ ଫୁଟାଇ, ମିଷ୍ଟାନ ବଣ୍ଟନ କରି। ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ନିଜର ପତିକ୍ରିୟାରେ କହିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀ ନବୀନ





ପଟ୍ଟନାୟକଙ୍କ ଜଣେ ସୈନିକ। ବିଗତଦିନରେ ମୋତେ ଯାହା ଦାୟିତ୍ୱ ଦିଆଯାଇଛି ତାକୁ ନିଷ୍ଠାର ସମ୍ପନ୍ନ କରିଆସିଛି। ପୂର୍ବରୁ ମତେ ରେଢ଼ାଖୋଲ ଦାୟିତ୍ୱ ଦିଆଯାଇଥିଲା, ବର୍ତ୍ତମାନ ସମ୍ବଲପୁର ଦାୟିତ୍ୱ ଦିଆଯାଇଛି। ତାକୁ ନେଇ ମୁଁ ପ୍ରସ୍ତୁତ ରହିଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନକୁ ବଜାୟ ରଖିବି ବୋଲି ମୋର ଦୃଢ ବିଶ୍ୱାସ ରହିଛି। ମୁଁ ସମ୍ବଲପୁର ଆସନକୁ ଜିତି ଆମର ଲୋକସଭା ପ୍ରାର୍ଥୀ ହୋଇଥିବା ପ୍ରଣବ ପ୍ରକାଶ ଦାସକୁ ମଧ୍ୟ ବିଜୟୀ କରିବାରେ ସହାୟକ ହେବି। ସେ ଆହୁରି କହିଛନ୍ତି, ମୋର ଶେଷ ନିଶ୍ୱାସ ଯାଏ ରେଢ଼ାଖୋଲ, ସମ୍ବଲପୁର ବିଧାନସଭା ସଭା ଆସନ ସହ ସମଗ୍ର ସମ୍ବଲପୁର ଜିଲ୍ଲାର ସେବା କରିବି। ଦଳ ଯେଉଁଠି ଯେତେବେଳେ ମୋତେ ଯେଉଁ ଦାୟିତ୍ୱ ଦେଇଛି, ମୁଁ ସେଠାରେ ସମର୍ପିତ ହୋଇ କାମ କରିଛି, ଆଗକୁ ମଧ୍ୟ କରିବି। ମୁଁ ଜିଲ୍ଲା ସଭାପତି ରହିଛି, ସମ୍ବଲପୁର ମୋ ପାଇଁ ନୂଆ ନୁହେଁ। ମୋର ବିଶ୍ୱାସ ରହିଛି ଯେ ସମ୍ବଲପୁରବାସୀ ମୋ ଉପରେ ଆସ୍ଥା ପ୍ରକଟ କରି ଆଶୀର୍ବାଦ ଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ଯେଉଁଠି ଦାୟିତ୍ୱ ଦେବେ ମୁଁ ସେଠି ସୈନିକ ଭାବରେ ଲଢ଼ିବି ବୋଲି କହିଛନ୍ତି ରେଢ଼ାଖୋଲ ବିଧାୟକ ପୂଜାରୀ। ସେହିପରି ରେଢ଼ାଖୋଲ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଲୋକସେବା ଅବିରତ ଜାରି ରହିବ। କେବଳ ରେଢ଼ାଖୋଲ କାହିଁକି ଜିଲ୍ଲାର ବିକାଶରେ ସହଯୋଗ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ରେଢ଼ାଖୋଲବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରୁଛି। ଯାହା ମୋ ପାଇଁ ଗୌରବ କଥା। ଲୋକଙ୍କ ସେବା କରିବା ପାଇଁ ଭଗବାନ ଶକ୍ତିଶାଳୀ କରନ୍ତୁ ବୋଲି କହିଥିଲେ।

# ରେଢ଼ାଖୋଲ ନିର୍ବାଚନମଣ୍ଡଳୀ: ଚାରିଆଡ଼େ ପ୍ରସନ୍ନତା



## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅଦିନିଆ ଦୀପାବଳି

**ରେଢ଼ାଖୋଲ, ୧୭।୪ (ସମିସ):** ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀଙ୍କ ବଦଳରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମ ଘୋଷଣା କରିଥିବାରୁ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏ ନେଇ ରେଢ଼ାଖୋଲ ଭୀମଭୋଇ ଛକରେ ଅଦିନିଆ ଦୀପାବଳି ପାଳନ କରିଛନ୍ତି ରେଢ଼ାଖୋଲ ବିଜେଡି ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମର୍ଥକ। ଦଳୀୟ କର୍ମୀ ତଥା ରେଢ଼ାଖୋଲ ଜନସାଧାରଣ ମଧ୍ୟରେ ଉତ୍ସାହର ବାତାବରଣ ଦେଖାଦେଇଛି। ଏହି ଉତ୍ସବରେ ରେଢ଼ାଖୋଲ ବିଜେଡି ବ୍ଲକ ଚେୟାରମେନ ପ୍ରଦୀପ କୁମାର ପ୍ରଧାନ, ରାଜିବ ଲୋଚନ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ସତ୍ୟନାରାୟଣ ସାହୁ, ବିଜେଡି ଯୁବ ନଗର ସଭାପତି ବିକାଶ ଦାସ୍, ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନ, ସମ୍ବଲପୁର ବିଜେଡ଼ି ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ମହାବିର୍ ସିଂ ଦେଓ, ସୁନିଲ୍ କୁମାର ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ଶୁକଦେବ ପୁଲେଇ, ଲାଲୁ ବେହେରା, ରାଜୁ ମୁଖି, ସଚିନ୍ ପ୍ରଧାନ, ସୁବ୍ରତ ହୋତା, ନନ୍ଦୁ ମିରି, ପ୍ରମୁଖ ସମେତ ଶତାଧିକ ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

# ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ ଘୋଷଣା ପରେ କର୍ମୀ ଉତ୍ସାହିତ

**କୁଚିଣ୍ଡା, ୧୭।୪(ସମିସ):** କୁଚିଣ୍ଡା ୧୫ ଆଦିବାସୀ ସଂରକ୍ଷିତ ଆସନ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ନାମ ଘୋଷଣା ପରେ ଅଞ୍ଚଳରେ ଆନନ୍ଦ ଖେଳିଯାଇଛି। ବାଣ ଫୁଟାଇ ସମର୍ଥକମାନେ ଅଦିନିଆ ଦୀପାବଳି ପାଳନ କରିଥିଲେ। ରାଜେନ୍ଦ୍ର ଛତ୍ରିଆଙ୍କ ଉପରେ ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରିଥିବାରୁ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଛନ୍ତି। ତାଙ୍କ ନାମ ଘୋଷଣା ପରେ ଆଶାୟୀ ପ୍ରାର୍ଥୀ ତଥା କିଛି ସମର୍ଥକଙ୍କ ମନରେ ଦୁଃଖ



ଦେଇଛି। ହେଲେ ମୁଖ୍ୟମନ୍ତ୍ରୀ ଯାହାକୁ ପ୍ରାର୍ଥୀ କରିଛନ୍ତି ଆମେ ସମସ୍ତେ ମିଶି, ଏକଜୁଟ ହୋଇ ତାଙ୍କ ପାଇଁ ଲଢ଼ିବା ବୋଲି ସମସ୍ତେ ସଂକଳ୍ପ ନେଇଛନ୍ତି। ଆହୁରି ମଧ୍ୟ ଯେମିତି କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଅଧିକରୁ ଅଧିକ ଭୋଟରେ ବିଜୟୀ ହେବେ ସେ ନେଇ ସମସ୍ତଙ୍କୁ ଏକଜୁଟ୍ ହୋଇ କାମ କରିବାକୁ ପଡ଼ିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଶିଶୁ ଆଶ୍ରୟସ୍ଥଳରେ ନିର୍ଯାତନା ଘଟଣା

# ଅବ୍ୟବସ୍ଥାରେ ଚାଲିଥିଲା, ବିଭାଗ ଚୁପ୍ ଥିଲା

**ସମ୍ବଲପୁର, ୧୭।୪(ସମିସ):** ସମ୍ବଲପୁର ସହର ଉପକଣ୍ଠ ଗୋଲାବନ୍ଧଠାରେ ଥିବା ମୁକ୍ତ ଶିଶୁ ଆଶ୍ରୟ ସ୍ଥଳରେ ୫ଜଣ ଶିଶୁ ଓ ଜଣେ କିଶୋର ବାଳକଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଭଳି ଘଟଣା ଗତକାଲି ସାମ୍ନାକୁ ଆସିଥିଲା। ଶିଶୁମାନେ ଆଶ୍ରୟସ୍ଥଳରୁ ଫେରାର ହୋଇ ମାନେଶ୍ୱର ଷ୍ଟେସନ ରେଳ ଧାରଣରେ ଚାଲିଚାଲି ଯାଉଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରେ ଶିଶୁମାନେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା କଥା କହିଥିଲେ। ଯାହାର ଭିଡିଓ ମଧ୍ୟ ରହିଛି। ମାଡ଼ ଯୋଗୁ ଶରୀରରେ ହୋଇଥିବା ଆଘାତ ଦେଖାଇଥିଲେ। ପୁଲିସ ଶିଶୁ ସୁରକ୍ଷା ସମିତିରେ ଶିଶୁଙ୍କୁ ହସ୍ତାନ୍ତର କରିଥିଲା। ତେବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ, ପୁଲିସ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଶିଶୁ ସୁରକ୍ଷା ସମିତିରେ ରିପୋର୍ଟ ଦାଖଲ କରିବା କଥା। ମାତ୍ର ପୁଲିସ ସେପରି କିଛି କରିନାହିଁ। ଅନ୍ୟପଟେ ଚାପ ପକାଇ ଆହତ ଶିଶୁମାନଙ୍କ ବୟାନ ବଦଳା ଯାଇଥିବା ମଧ୍ୟ ଅଭିଯୋଗ ହେଉଛି। କାହା ଚାପ ଓ କାହାକୁ ବଞ୍ଚାଇବାକୁ ପୁଲିସ ଓ ଅଧିକାରୀମାନେ ଏଭଳି କରିଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଗତକାଲି ଉଦ୍ଧାର ହୋଇଥିବା ଓ ଆଶ୍ରୟସ୍ଥଳରେ ରହୁଥିବା ୧୦ଜଣ ଶିଶୁଙ୍କୁ ରୁକ୍ମଣି ଲାଠ ବାଲ୍ ନିକେତନରେ ଆଶ୍ରୟ ଦିଆଯାଇଛି। ଶିଶୁ ସୁରକ୍ଷା ସମିତି ଅଶ୍ରୟସ୍ଥଳ ପରିଦର୍ଶନ କରି ରିପୋର୍ଟ

**ଶିଶୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ହେଲାନି ଡାକ୍ତରୀ ପରୀକ୍ଷା**

ସଂଗ୍ରହ କରିଛି। ସମସ୍ୟା ନେଇ ଜିଲ୍ଲାପ୍ରଶାସନକୁ ମଧ୍ୟ ଅବଗତ କରାଇଛି। ଉକ୍ତ ଶିଶୁ ଆଶ୍ରୟ ସ୍ଥଳରେ ସବୁ ପ୍ରକାର ଅବ୍ୟବସ୍ଥା ଥିବା ସତ୍ତ୍ୱେ ଶିଶୁମାନଙ୍କୁ କିପରି ରଖାଯାଉଥିଲା ଏବଂ ପ୍ରଶାସନ କିଛି ଜାଣିପାରୁ ନ ଥିଲା କି ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଶିଶୁ ସୁରକ୍ଷା ସମିତି ସଭାପତି ପ୍ରଶାନ୍ତ ପାଢ଼ୀ କହିଛନ୍ତି ଯେ ବହୁ ବର୍ଷ ହେବ ଚାଲୁଥିଲା। ପରିଦର୍ଶନ ସମୟରେ ସମସ୍ୟା ଥିବା ରିପୋର୍ଟ କରି ପ୍ରଶାସନକୁ ଦିଆଯାଇଛି। ଗତକାଲି ଘଟଣାରେ ମଧ୍ୟ ପୁଲିସ ଓ ଆମ ପକ୍ଷରୁ ତଦନ୍ତ କରାଯାଇଛି। ଏକ ରିପୋର୍ଟ କାଲି ପ୍ରଶାସନକୁ ଦିଆଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତକାଲି ଶିଶୁମାନେ ଆଶ୍ରୟସ୍ଥଳରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଥିଲେ। ଖାଇବାକୁ ଦେଉ ନଥିଲେ, ସକାଳେ କେବଳ ଚା'ଟିକେ ଦେଉଥିଲେ। ପରେ ବିଭିନ୍ନ କାମ କରାଉଥିଲେ। କାମ କରିବାକୁ ମନା କଲେ ମାଡ଼ପିଟ କରୁଥିଲେ ବୋଲି ଶିଶୁମାନେ ଅଭିଯୋଗ କରିଛନ୍ତି। ହାତରେ ଦାଗ ମଧ୍ୟ ରହିଛି। ଦିଦି ସବୁଠାରୁ ଅଧିକ ପିଟୁଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋକ ଉପାସରେ ରଖୁଥିଲେ। ଆମର କେହି ନାହିଁ ବୋଲି ନିର୍ଯାତନା ଦିଆଯାଉଥିଲା। ନିର୍ଯାତନା ସହି ନ ପାରି ଆଶ୍ରମରୁ ଘରକୁ ପଳାଉଥିଲୁ ବୋଲି ଶିଶୁମାନେ ଗତକାଲି କହିଥିଲେ।

# ଧମା ରାମମନ୍ଦିରରେ ରାମନବମୀ



**ମାନେଶ୍ୱର,୧୭।୪(ସମିସ):** ମାନେଶ୍ୱର ବ୍ଲକ ଧମା ରାମମନ୍ଦିରରେ ରାମନବମୀ ପାଳିତ ହୋଇଛି। ଏଥିରେ ବିକାଶ ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ଶୀତଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ନାମଯଜ୍ଞ ଆରମ୍ଭ ହୋଇଛି। ଏଥିରେ କୁଞ୍ଜବିହାରୀ ମହାଲିଙ୍ଗ ଓ ତାଙ୍କ ପତ୍ନୀ ସତ୍ୟବତୀ ମହାଲିଙ୍ଗ କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ବଂଶୀଧର ମିଶ୍ର ଓ ପଣ୍ଡିତ ପ୍ରଣବ କୁମାର ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଏଥିରେ ପପଙ୍ଗା, କଲମୀ, କୁଡାପାଲି ଆଦି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। ଗୋବିନ୍ଦ ପଟ୍ଟନାୟକ, ମଦନ ଅଗ୍ରୱାଲ, ବିଜୟ ଚୌଧୁରୀ, ଗୋବିନ୍ଦ ଦଳାଇ, ଧର୍ମପଦ ବାରିକ ପ୍ରମୁଖଙ୍କ ତତ୍ୱବଧାନରେ କାର୍ଯ୍ୟକ୍ରମ ପରିଚାଳନା ହେଉଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ବାମରା, ୧୭।୪(ସମିସ):** ବାମରା ନିକଟ ଲଇକେରା ଥାନା ଅନ୍ତର୍ଗତ ନନ୍ଦମୁଣ୍ଡା ଗ୍ରାମର ସାନି ଓରାମ(୨୩) ମଙ୍ଗଳବାର ରାତି ପ୍ରାୟ ୯ଟାରେ ନିଜ ଘରୁ ଗାଁ ଛକକୁ ବାହାରିଥିଲେ। ସେଠାରୁ ବାଇକ୍ ଯୋଗେ ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ବାମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ମଦ ଜବତ, ଜଣେ ଗିରଫ

**କୁଚିଣ୍ଡା, ୧୭।୪(ସମିସ):** ରନ୍ଧା ମଦ କାରବାର କରୁଥିବା ସାନମୁଣ୍ଡାଲୋଇ ଗ୍ରାମର ଅତୁଲ୍ୟ ମୁଣ୍ଡା(୨୫)ଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତଠାରୁ ପୁଲିସ ୨୦ଲିଟର ମଦ ଜବତ କରିଛି।

## ରାତିରେ ବୁଲୁଥିଲେ ବୃଦ୍ଧ, ଚୋର ଭାବି ପିଟିଲେ

**ବାମରା,୧୭।୪(ସମିସ):** ବାମରା ବ୍ଲକ କୁଟାରିମାଲ ପଞ୍ଚାୟତ ବାରବ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ବାରବ ଗ୍ରାମର ଗଜିନ୍ଦ୍ର ଟପ୍ପୋ (୬୨) ସୋମବାର ରାତି ପ୍ରାୟ ସାଢ଼େ ୧୨ଟାରେ ସ୍ଥାନୀୟ ମଣ୍ଡପ ପାଖରେ ବୁଲାବୁଲି କରୁଥିବା ଦେଖି କେତେକ ଲୋକ ତାଙ୍କୁ ପଚରାଉଚୁରା କରିଥିଲେ। ମାତ୍ର ସେ ସଠିକ୍ ଉତ୍ତର ନ ଦେବାରୁ ତାଙ୍କୁ ଚୋର ଭାବି ୪/୫ ଜଣ ମାଡ଼ପିଟ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ଏକୁଟିଆ ସାଇକେଲରେ ଗୋବିନ୍ଦପୁର ଥାନାକୁ ଆସି ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଅଭିଯୋଗକୁ ଭିତ୍ତି କରି ବୁଧବାର ସବ ଇନ୍ସପେକ୍ଟର ଜି.ଓରାମ ସେମାନଙ୍କୁ ଥାନାକୁ ଡକାଇ ପଚରାଉଚୁରା କରିଥିଲେ। ପରେ ସେମାନେ ନିଜ ନିଜ ଭୁଲ ସ୍ୱୀକାର କରିଥିଲେ। ବ୍ୟକ୍ତିଗତ ଜାମିନରେ ଥାନାରୁ ଛଡ଼ାଯାଇଥିଲା।

# ମହାଆଡ଼ମ୍ବରେ ରାମ ନବମୀ ପାଳିତ

**କୁଚିଣ୍ଡା, ୧୭।୪(ସମିସ):** କୁଚିଣ୍ଡା ତଥା ଆଖାପାଖ ଅଞ୍ଚଳରେ ଥିବା ହନୁମାନ ମନ୍ଦିର ଓ ରାମ ମନ୍ଦିର ଗଡ଼ିକରେ ମହାସମାରୋହରେ ରାମ ନବମୀ ପାଳିତ ହୋଇଯାଇଛି। ଜେଲ ନିକଟସ୍ଥ ହନୁମାନ ମନ୍ଦିରରେ ପୂଜକ ଯଥା ରୀତିନୀତିରେ ପୂଜାର୍ଚ୍ଚନା କଲାପରେ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଠିକ୍ ସେହିପରି ପୁରୁଣା ବସଷ୍ଟାଣ୍ଡଠାରେ ଥିବା ହନୁମାନ ମନ୍ଦିରରେ ରାମ ନବମୀ ପାଇଁ ମହାବୀର କମିଟି ପକ୍ଷରୁ ପୂଜାର୍ଚ୍ଚନା ସହ ମଧ୍ୟାହ୍ନରେ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମଧ୍ୟ ଉକ୍ତ କମିଟି ପକ୍ଷରୁ ବିଭିନ୍ନ ପ୍ରକାର ପ୍ରସାଦ ଭକ୍ତ ତଥା ଦର୍ଶନାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ଭକ୍ତଗଣ ଲମ୍ବା ଧାଡ଼ିରେ ଶୃଙ୍ଖଳିତ ଭାବେ ପ୍ରସାଦ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ଭକ୍ତଙ୍କ ମନୋରଞ୍ଜନ ପାଇଁ କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା। ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନ ପାଖ ଛକରେ ମଧ୍ୟ ପୂଜାର୍ଚ୍ଚନା ସହ ପ୍ରସାଦ ବଣ୍ଟନ କରାଯାଇଥିଲା। କୁଣ୍ଡାପୋଷୀ ସ୍ଥିତ କୁଣ୍ଡେଶ୍ୱର ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରଠାରେ ଆଡ଼ମ୍ବର ସହ ପୂଜାର୍ଚ୍ଚନା ପରେ ପ୍ରସାଦ ବ୍ୟବସ୍ଥା ପୂଜା କମିଟି ପକ୍ଷରୁ କରାଯାଇଥିଲା। ସିଙ୍ଗଲପୋଷି ଗ୍ରାମରେ ହନୁମାନ ମନ୍ଦିର ପୂଜା କମିଟି ପକ୍ଷରୁ ପୂଜକ ଜୟକୃଷ୍ଣ ପାଣିଗ୍ରାହୀ ତତ୍ୱାବଧାନରେ ଯଥା ରୀତିନୀତି ଅନୁସାରେ ପୂଜା କରାଯାଇଥିଲା। ଜଗଦୀଶ ପ୍ରସାଦ ରକ୍ସା ଓ ସହଧର୍ମିଣୀ ଚନ୍ଦ୍ରକାନ୍ତି ରକ୍ସା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା

# ଶ୍ରାଦ୍ଧବାର୍ଷିକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି







**ସମ୍ବଲପୁର, ୧୭।୪(ସମିସ)**

ଓଡ଼ିଶାର ଗର୍ବ, ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଜିଲ୍ଲା ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ରେମେଡ଼ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ନେତୃମଣ୍ଡଳୀ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦଳୀୟ ନେତୃବୃନ୍ଦ ବିଜୁ ବାବୁଙ୍କ ସ୍ମୃତିଚାରଣ କରି ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ବିଜେଡି ମୁଖପାତ୍ର ସଞ୍ଜୟ ବାବୁ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ରାଜେଶ ସ୍ୱାଇଁ, ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲ, ରାଜ୍ୟ ଯୁବ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଧର୍ମରାଜ୍ୟ ମରେଇ, ହିରାଲାଲ ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, କିଶୋର କୁମାର ପଣ୍ଡା, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ପାଢ଼ୀ, ସତ୍ୟଜିତ ମହାପାତ୍ର, ବରିଷ୍ଠ ବିଜୁ ଜନତା ଦଳ ନେତା ଗୋକୁଳ ମେହେର, ଅଶୋକ ସେନାପତି, ଅଶୋକ ପଟେଲ, ସଞ୍ଜୀବ ଷଡ଼ଙ୍ଗୀ, ପ୍ରଦୀପ ଦୋରା, ସଂଖ୍ୟାଲଘୁ ସେଲ ସଭାପତି ସବିର ହୁସେନ, ଜିଲ୍ଲା ଉପସଭାପତି ବସନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଆନନ୍ଦ ବଡଗୟା, ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ପୂର୍ବତନ ନଗର ସଭାପତି ପ୍ରଫୁଲ୍ଲ ଦାସ, ସତ୍ୟେନ ଦାସ, ପ୍ରଶାନ୍ତ ନାଏକ, ଲିଙ୍ଗରାଜ ତ୍ରିପାଠୀ, ରବି ପୂଜାରୀ, ସୁରି ବିଶ୍ୱାଳ, ସୁବ୍ରତ ବକ୍ସି, କାଳିଆ କୁସୁମ, ହିମାଂଶୁ ପ୍ରଧାନ, ଦୁଲାଲ ରାଏ, ସୌରି ପାଣିଗ୍ରାହୀ, ଶୁକ୍ୱିନ୍ଦର୍ ସିଂ ଭଜି, ରଙ୍ଗେୟା ଷଡ଼ଙ୍ଗୀ, ଅରକ୍ଷିତ ବେହେରା, ପ୍ରବୀଣ ସୂପକାର, ମହିଳା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ, ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ମହିଳା ମହାନଗର ସଭାପତି ସଂଯୁକ୍ତା ମେହେର, ଅନିତା ନାଏକ, ନନ୍ଦିନୀ ସିଂ, ପ୍ରିୟା ନାଏକ, ତ୍ରିବେଣୀ ପଣ୍ଡା, ନୁରି ବେଗମ୍, ରୀନା ବାରିକ, ମମତା ପଣ୍ଡା, ସ୍ୱେତା ନାଏକ, ସୁଭାଷିନୀ ଓରାମ, ସସ୍ମିତା ଦୀପ, ମିତାଳି ସାହୁ, କବିତା ଭଞ୍ଜ, ପ୍ରଜ୍ଞା ପୂଜାରୀ, ପଦ୍ମା ମହାନନ୍ଦ, ପ୍ରଭାତୀ ଦେବୀ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ରେଙ୍ଗାଲି ନିର୍ବାଚନମଣ୍ଡଳୀ ଭାଲୁପାଲି କାର୍ଯ୍ୟାଳୟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିର ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା।



ଏଥିରେ ବିଜୁ ବାବୁଙ୍କୁ ସମସ୍ତେ ମନେ ପକାଇବା ସହ ତାଙ୍କ କାର୍ଯ୍ୟଧାରା ଓ ଦକ୍ଷତା ଉପରେ ଆଲୋଚନା କରିଥିଲେ। ବିଜୁ ବାବୁଙ୍କ ଆଦର୍ଶରେ କାମ କରି ଓଡ଼ିଶାକୁ ସମୃଦ୍ଧ କରିବାକୁ ଶପଥ ନେଇଥିଲେ। ରେଙ୍ଗାଲି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲ, ଏମବି ସତ୍ୟେନ, ମହାନଗର ନିଗମ ସଂଯୋଜକ ଜଗନ୍ନାଥ ତ୍ରିପାଠୀ, ମାନେଶ୍ୱର ଜୋନ ସଂଯୋଜକ ଆର୍ତ୍ତତ୍ରାଣ ବାଗ, ଜିଲ୍ଲା ଯୁବ ସମ୍ପାଦକ ଜଗୁ ନାଥ, ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ସମ୍ପାଦକ ଏମ୍‌ବି ସତ୍ୟନ (ଜଟିଆ), ଅମିତ୍ ନାଥ, କ୍ଷୀରୋଦ ବାଗ, ଯୁଗଳ କିଶୋର ସିଂ, ବୁଧୁରାମ ମୁର୍ମୁ, ଶାନ୍ତନୁ ନାଥ, ଗୁରୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା:** କୁଚିଣ୍ଡା ଶ୍ରମିକ ଭବନଠାରେ କୁଚିଣ୍ଡା ବିଜେଡି ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ ପାଳନ କରାଯାଇଛି। ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ନଗର ସଭାପତି ନବୀନ ହୋତା, ପୂର୍ବତନ ନଗର ସଭାପତି ସଞ୍ଜୟ ବେହେରା, ଗଣେଶ ଅଗ୍ରୱାଲ, ଗଗନ ଶର୍ମା, ବରାଦ ନନ୍ଦ ଶର୍ମାଙ୍କ ସମେତ ବହୁ ନେତା, କର୍ମୀ ଏକଜୁଟ ହୋଇ ପ୍ରବାଦ ପୁରୁଷ, ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ।

**ରେଢାଖୋଲ:** ରେଢ଼ାଖୋଲ ଦେହୁରୀସାହି ଆଦର୍ଶ ନଗର ସ୍ଥିତ ବିଜେଡ଼ି କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ସମସ୍ତେ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜୁ ବାବୁଙ୍କ ପ୍ରେରଣା ଓ ଆଦର୍ଶ ସାରାବିଶ୍ୱରେ ଲିପିବଦ୍ଧ ହୋଇ ରହିଛି ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଧାନ କହିଥିଲେ।

ବିକାଶ ମଲ୍ଟି ସ୍ପେସିଆଲିଟି ଡାକ୍ତରଙ୍କ ଅଭୂତପୂର୍ବ ଚେଷ୍ଟା ଓ ଚିକିତ୍ସା

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ଜୀବନ ପାଇଲା ଶିଶୁ

ବରଗଡ଼, ୧୭।୪(ସମିସ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ ଜଣେ ଶିଶୁକୁ ମୃତ୍ୟୁମୁଖରୁ ରକ୍ଷା କରିବାରେ ସାହାଯ୍ୟ କରିଛି। ବିରଳ ଚିକିତ୍ସା ଓ ଜୀବନରକ୍ଷାକାରୀ ଔଷଧ ପାଇଁ ଏହି ସ୍ୱାସ୍ଥ୍ୟ ଯୋଜନା ସଞ୍ଜୀବନୀ ସଦୃଶ କାମ କରିଛି। ଗତ ମାର୍ଚ୍ଚ ୪ ତାରିଖରେ ଜଣେ ଶିଶୁ ଯିଏ ଏକ ସାଇକେଲ ଦୁର୍ଘଟଣାର ଶିକାର ହୋଇଥିବା ଜଣେ ଶିଶୁ ମାର୍ଚ୍ଚ ୬ ତାରିଖ ସନ୍ଧ୍ୟା ୫ଟାରେ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ, ବରଗଡ଼ରେ ପହଞ୍ଚିଥିଲା। ଶିଶୁଟି ଚେତାଶୂନ୍ୟ ହେବା ସହିତ, ରକ୍ତଚାପ ଏବଂ ପଲସ୍ ରେକର୍ଡ ହେବା ଯୋଗ୍ୟ ନଥିବା ସହ ଅତି ଗୁରୁତର ଥିଲା। ଶିଶୁଟିକୁ ତୁରନ୍ତ ଭେନ୍‌ଟିଲେଟର୍ ରେ ରଖାଯିବା ସହିତ ଜୀବନ ରକ୍ଷାକାରୀ ସବୁ ପ୍ରକାର ଔଷଧ ଏବଂ ଇନ୍‌ଜେକ୍‌ସନ୍ ଦିଆଗଲା। ଦୀର୍ଘ ୨ ଘଣ୍ଟାର ଅକ୍ଲାନ୍ତ ଚେଷ୍ଟା ସତ୍ତ୍ୱେ ମଧ ଶିଶୁଟିର ରକ୍ତଚାପ ଏବଂ ପଲସ୍ ରେକର୍ଡ ଯୋଗ୍ୟ ହୋଇନଥିଲା। ପେଟ ଭିତରେ ଲଗାତାର ରକ୍ତସ୍ରାବ ହେଉଥିବା ଭାବିକି ଅପରେସନ୍ ଥିଏଟର୍‌କୁ ସ୍ଥାନନ୍ତର କରାଗଲା। ଏସବୁ କରିବା ଆଗରୁ ସବୁ ପ୍ରକାର ସ୍ଥିତି ଏବଂ ପରିସ୍ଥିତିକୁ ଅତିସ୍ୱଷ୍ଟ ଭାବରେ ତାଙ୍କ ପରିବାର ପରିଜନଙ୍କୁ ବୁଝାଇ ଦିଆଯାଇଥିଲା। ଅପରେସନ୍ ଚାଲିବା ସମୟରେ ଶିଶୁଟିର ହାର୍ଟ କାର୍ଡିଆକ ଏରେଷ୍ଟ ହୋଇ ସମ୍ପୂର୍ଣ୍ଣ ଭାବରେ ବନ୍ଦ



ହୋଇଗଲା। ତତ୍‌କ୍ଷଣାତ୍ କାର୍ଡିଓପଲ୍‌ମୋନାରି ରେସୋସିଟେସନ୍ (ସିପିଆର୍) ଦ୍ୱାରା ଲଗାତାର ଚେଷ୍ଟା ଚାଲିଥାଏ, ଏହାଦ୍ୱାରା କ୍ଷୁଦ୍ର ଅନ୍ତନଳୀରେ ହୋଇଥିବା କ୍ଷତକୁ ସମ୍ଭାଳିବା ମଧ କଷ୍ଟକର ଥିଲା। ଅଧିକ କ୍ଷତିକୁ ରୋକିବା ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ଥିବା ଶଲ୍ୟଚିକିତ୍ସା ପାଇଁ ପେଟକୁ ବନ୍ଦକରି ଶିଶୁଟିକୁ ପେଡ଼ିଆଟ୍ରିକ୍ ଇନ୍‌ଟେନ୍‌ସିଭ୍ କେୟାର୍ ୟୁନିଟ (ପିଆଇସିୟୁ) କୁ ନେବାକୁ ପଡ଼ିଲା। କାରଣ ସ୍ଥିତିକୁ କୌଣସି ମତେ ଷ୍ଟାବିଲାଇଜ୍ କରିବାର ଥିଲା। ସବୁପ୍ରକାର ଜୀବନ ରକ୍ଷକ ଇନ୍‌ଜେକ୍‌ସନ୍ ଦେବା ସତ୍ତ୍ୱେ ମଧ ଶିଶୁର ଦ୍ୱିତୀୟ ଥର ପାଇଁ କାର୍ଡିଆଲ୍ ଏରେଷ୍ଟ ହୋଇଥିଲା। ଯାହାହେଉ ୩୦ ରୁ ୪୫ମିନିଟ୍ ସିପିଆର୍ ଦେବାପରେ ଶିଶୁଟିକୁ ପୁର୍ନଜୀବିତ କରାଗଲା। ପରବର୍ତ୍ତି ୪୮ ଘଣ୍ଟା କାଳ ବିକାଶ ହସ୍ପିଟାଲ୍‌ର ସୁନାମଧନ୍ୟ ଡାକ୍ତର ନୀଳମଣି ପାତ୍ରଙ୍କ ତତ୍ୱାବଧାନରେ ଭେଣ୍ଟିଲେଟରରେ ରଖାଗଲା। ପରବର୍ତ୍ତି ସମୟରେ ଗୋଟିଏ ଡାକ୍ତରୀ ଟିମ୍ ଗଢ଼ାଗଲା ଯେଉଥିରେ ବିକାଶ ହସ୍ପିଟାଲ୍‌ର ନବଜାତ ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଶତପଥି ଓ ଶିଶୁରୋଗ ବିଶେଷଜ୍ଞ ଡା. ନୀଳମଣି ପାତ୍ର, ପଶ୍ଚିମ ଓଡ଼ିଶାର ଏକମାତ୍ର ଶିଶୁରୋଗ ଶଲ୍ୟ ଚିକିତ୍ସକ ଡା. ପ୍ରଣୟ ପାଣିଗ୍ରାହୀ ଏବଂ ଆନୁସଙ୍ଗିକ ଅନ୍ୟ ସହାୟକ ଅପରେସନ୍ ଟିମ୍ କୁ ନେଇ ଏକ ଜରୁରୀକାଳୀନ ସର୍ଜରୀ ପାଇଁ ଯୋଜନା କରାଗଲା। ମାର୍ଚ୍ଚ ୯ ତାରିଖରେ ଦିନ ଶିଶୁଟିର କ୍ଷୁଦ୍ର ଅନ୍ତଃନଳୀରେ ହୋଇଥିବା କ୍ଷତର ଦ୍ୱିତୀୟଥର ପାଇଁ ଜଟିଳ ସର୍ଜରୀ ସମ୍ପୂର୍ଣ୍ଣ କରାହେଲା। ତା' ପରେ ମଧ ଶିଶୁଟିକୁ ୧୪ ଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟରରେ ରଖିବାପରେ ତାକୁ ବାହାର କରାଗଲା। ଧିରେ ଧିରେ ଶିଶୁଟିକୁ ନିୟାମକ ଟ୍ୟୁବ୍ ମାଧମରେ ତରଳ ଖାଦ୍ୟ ଦେବାପରେ ଶିଶୁଟି ସୁସ୍ଥ ଅନୁଭବ କରିବାରୁ ଏପ୍ରିଲ ୨ ତାରିଖରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଗଲା। ପୁର୍ନବାସ ଏବଂ ଫୋଲୋଅପ୍ ଉପଦେଶ ସହିତ ରୋଗୀଟିକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉପରୋକ୍ତ ଶିଶୁଟି ବର୍ତ୍ତମାନ ସୁସ୍ଥଥିବା ପରିବାରବର୍ଗ ଜଣାଇଛନ୍ତି ଏବଂ ସମସ୍ତ ଡାକ୍ତରୀ ଟିମ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମସ୍ତ ଚିକିତ୍ସା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ବରଗଡ଼ର ସୁଯୋଗ୍ୟ ଡାକ୍ତରମାନଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ନବୀନ ପଟ୍ଟନାୟକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯୋଗୁଁ ଏଭଳି ବ୍ୟୟବହୁଳ ଚିକିତ୍ସା ମାଗଣାରେ କରାଯାଇ ପାରିଥିବାରୁ ପରିବାର ଲୋକେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ହୋଟେଲ ରୁମରୁ ୧୨ କେଜି ଗଞ୍ଜେଇ ସହ ୨ ଗିରଫ



ବରଗଡ଼, ୧୭।୪(ସମିସ) : ବରଗଡ଼ ଟାଉନ ଥାନା ପୁଲିସ ରାଜ୍ୟ ବାହାରର ଦୁଇ ଜଣ ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୨ କେଜି ଗଞ୍ଜେଇ ଜବତ କରିଛି। ଗିରଫ ବେପାରୀ ଉତ୍ତରପ୍ରଦେଶର ରାଜନ ଗୌଡ଼ ଏବଂ ହରଦେବ କୁସୱା ବୋଲି ଜଣାପଡ଼ିଛି। ବରଗଡ଼ ରେଲୱେ ଷ୍ଟେସନ ସମ୍ମୁଖରେ ଥିବା ହୋଟେଲ ବିଜୟରେ ବରଗଡ଼ ପୁଲିସ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ହୋଟେଲର ରୁମ ନମ୍ବର ୧୦୩ ରେ ଉକ୍ତ ଦୁଇ ବେପାରୀକୁ ପୁଲିସ ଗିରଫ କରିବା ସହ ସେମାନେ ଧରିଥିବା ଦୁଇଟି ବ୍ୟାଗରୁ ପ୍ରାୟ ୧୨ କେଜି ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇ ବୌଦ୍ଧ ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଚାଲାଣ ହେଉଥିବା ସୂଚନା ମିଳିଛି। ମଙ୍ଗଳବାର ବରଗଡ଼ ପୁଲିସ ରେଲୱେ ଷ୍ଟେସନ ରାସ୍ତାର ଗଣେଷ ମନ୍ଦିର ନିକଟରୁ ତୁଷରା ଅଞ୍ଚଳର ଜଣେ ଯୁବକକୁ ଗିରଫ କରିବା ସହ ତା ଠାରୁ ପ୍ରାୟ ୩ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଚଢ଼ାଉରେ ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକେଲ, ଏସ୍‌ଆଇ ସୁଶାନ୍ତ ସାହୁ, ରବିନାରାୟଣ ତ୍ରିପାଠୀ, ଏଏସ୍‌ଆଇ ରଶ୍ମୀରଞ୍ଜନ ହୋତାଙ୍କ ସମେତ ପୁଲିସ ଟିମ ସାମିଲ ଥିଲେ।

## ସାଇବାବାଙ୍କ ପାଲିଙ୍କି ଯାତ୍ରାରେ ଯୋଗଦେଲେ ବିଧାୟକ ଦେବେଶ ଆଚାର୍ଯ୍ୟ



ବରଗଡ଼, ୧୭।୪(ସମିସ): ବିଧାୟକ ଦେବେଶ ଆଚାର୍ଯ୍ୟ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ଓ ପଞ୍ଚାୟତରେ ଜନସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ବିଧାୟକ ଶ୍ରୀ ଆଚାର୍ଯ୍ୟ କଳାପାଣି ପଞ୍ଚାୟତ, କୁରୁଆଁ ପଞ୍ଚାୟତ ବାଉସେନ, ତୋରା ପଞ୍ଚାୟତ ସାହୁଟିକ୍ରା, ବରଗଡ଼ ମାତୃ ବିହାର ପ୍ରଭୃତି ଅଞ୍ଚଳରେ ଲୋକଙ୍କ ସହିତ ମିଶିଥିଲେ। ନାମଯଜ୍ଞ ଓ ତୋରା ନାଗେନପାଲି ଠାରେ ଅନୁଷ୍ଠିତ ମାଁ ତାରିଣୀଙ୍କ ପୂଜାରେ ଯୋଗଦେଇଥିଲେ। ବରଗଡ଼ ସାଇ ମନ୍ଦିରରୁ ବାହାରି ଥିବା ସାଇବାବାଙ୍କ ପାଲିଙ୍କି ଯାତ୍ରାରେ ବିଧାୟକ ଶ୍ରୀ ଆଚାର୍ଯ୍ୟ ବାବାଙ୍କ ପାଲିଙ୍କି କାନ୍ଧେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ବାବାଙ୍କ ଆଶୀର୍ବାଦ ମଧ କାମନା କରିଥିଲେ। ଏହି ଯାତ୍ରା ସାଇ ମନ୍ଦିରରୁ ବାହାରି ଭଟଲି ଛକ ଦେଇ ସହର ପରିକ୍ରମା କରିଥିଲା। ଏଥିରେ ସହରର ବହୁ ସାଇ ଭକ୍ତ ସାମିଲ ହୋଇଥିଲେ।

## ବିପୁଳ ପରିମାଣର ମଦ ପାଉଚ ସହ ଜଣେ ଅଟକ

ବରଗଡ଼, ୧୭।୪(ସମିସ): ସଦର ଥାନା ପୁଲିସ ବିପୁଳ ପରିମାଣର ମଦ ପାଉଚ ସହ ଜଣେ ବ୍ୟକ୍ତିକୁ ଅଟକ ରଖିଛି। ବରଗଡ଼ ସଦର ଥାନା ଅନ୍ତର୍ଗତ ବନପାଲି ଛକ ନିକଟରେ ଅତର୍କିତ ଭାବେ ଚଢ଼ାଉ କରି ମେନେଜର ଭୋଇ ନାମକ ଜଣେ ବ୍ୟକ୍ତିଠାରୁ ୧୨୫ ପାଉଚ ମଦ ଜବତ କରିଥିଲା। ଏନେଇ ସଦର ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ବେଳେ ମେନେଜର ଭୋଇକୁ ଅଟକ ରଖି ତଦନ୍ତ ଜାରି ରହିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ନିଶା କାରବାର ଉପରେ ଚଢ଼ାଉ ଜୋରଦାର କରାଯିବ ବୋଲି ପୁଲିସ ସୂଚନା ଦେଇଛି।



## ବିକାଶ ଆବାସିକ ବିଦ୍ୟାଳୟରେ ରାମନବମୀ ପାଳିତ

ବରଗଡ଼, ୧୭।୪(ସମିସ): ବରଗଡ଼ ବରାହଗୁଡ଼ା ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ରାମନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧକ୍ଷ ପ୍ରଦୀପ କୁମାର ସାହୁ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିଛବିରେ ପ୍ରଦୀପ ପ୍ରଜ୍ଜଳନ ଓ ମାଲ୍ୟାର୍ପଣ କରିଥିଲେ। ଶିଶିର ପ୍ରସାଦ ରାଉଳ ସମସ୍ତଙ୍କୁ ଶୁଭେଚ୍ଛା ଓ ଜଗତର କଲ୍ୟାଣ କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ପବିତ୍ର ରାମଚରିତ ମାନସର ପଙ୍କ୍ତିର ଉଚ୍ଚାରଣ ସାରସ୍ୱତ ପରିବେଶକୁ ଭକ୍ତି ରସରେ ପ୍ଲାବିତ କରିଥିଲା। କୁନି ଛାତ୍ରଛାତ୍ରୀମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶ ପ୍ରଦର୍ଶନ କରିଥିଲେ।

## ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ଚୁକ୍ତି କଲେ ରୀମା

ବରଗଡ଼, ୧୭।୪(ସମିସ) : ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ମନାପଡ଼ାର ରୀମା ସାହୁ ମୃତ୍ୟୁ ପରେ ନିଜର ଅଙ୍ଗଦାନ ପାଇଁ ଚୁକ୍ତି କରି ଏକ ଅନନ୍ୟ ଉଦାହରଣ ସାଜିଛନ୍ତି। ମୃତ୍ୟୁପରେ ରୀମା ନିଜର ଅଙ୍ଗଦାନ କରିଥିବା ବେଳେ ତାଙ୍କ ଚକ୍ଷୁରେ ଅନ୍ୟ ଦୁଇଜଣ ରଙ୍ଗୀନ ଦୁନିଆ ଦେଖିପାରିବେ ଏବଂ ମରଶରୀରରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ପାଠ ପଢ଼ିବେ ବୋଲି ସେ କହିଛନ୍ତି। ତାଙ୍କର ଏଭଳି ମହତ ଚିନ୍ତାଧାରା ପାଇଁ ନିଷ୍ଠା ପରିବାର ତରଫରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏ ଅବସରରେ ନିଷ୍ଠା ପରିବାର ମହିଳା ଶାଖାର ସଦସ୍ୟା ସୁତପା ଗଡ଼ତିଆ, ଯଯାତି କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ ଓ ଦଳୀୟ ନେତୃ ମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଲେ ବର୍ଷା

ପାଇକମାଳ, ୧୭।୪ (ସମିସ) : ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଜି ବିଜୁ ଜନତା ଦଳ ପଞ୍ଚମ ପର୍ଯ୍ୟାୟରେ ଘୋଷଣା କରିଥିବା ପ୍ରାର୍ଥୀ ତାଲିକାରେ ଦଳର ସୁପ୍ରିମୋ ନବୀନ ପଟ୍ଟନକ ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ଅଣ ସଂରକ୍ଷିତ ଆସନରୁ ୫ ଥର ବିଧାୟକ ହୋଇଥିବା ସ୍ୱର୍ଗତ



ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କର ସୁପୁତ୍ରୀ ବିଧାୟିକା ବର୍ଷା ସିଂ ବରିହାଙ୍କର ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଛନ୍ତି। ନାମ ଘୋଷଣା କରାଯିବା ପରେ ବିଧାୟିକା ପ୍ରଥମେ ନିଜର ସ୍ୱର୍ଗତ ପିତା ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଫୋଟୋରେ ମାଲ୍ୟାର୍ପଣ ପରିବା ସହିତ ନିଜର ମାତାଙ୍କର ଆଶୀର୍ବାଦ ଓ ଉପସ୍ଥିତ ଗୁରୁଜନ ମାନଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ସେ ନୃସିଂହନାଥ ପୀଠରେ ବିରାଜମାନ ମାଁ ବିନ୍ଧ୍ୟବାସିନୀଙ୍କର ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଶ୍ରୀ ନୃସିଂହନାଥଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ବିଜୁ ଜନତା ଦଳର ସମ୍ପାଦକ ରାଜୁ ଘିବେଲା, ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ହୃଦାନନ୍ଦ ବାରିକ, ଗୌତମ ସିଂ, ବିଂଝାଲ ସମାଜର ସମ୍ପାଦକ ଦେବରାଜ ସିଂ ବରିହା ଉପସ୍ଥିତ ଥିଲେ। ବିଧାୟିକା ଶ୍ରୀମତୀ ସିଂବରିହା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ଗତ ଏକ ବର୍ଷ ଭିତରେ ଅଞ୍ଚଳରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ, ରାଜ୍ୟ ସରକାର ନିଜର ଲୋକାଭିମୁଖୀ ଯୋଜନାକୁ ନେଇ ପୁନର୍ବାର ଲୋକଙ୍କ ପଖାକୁ ଯାଇ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବେ ବୋଲି କହିଥିଲେ। ବିଧାୟିକା ପୁଣି ଥରେ ଟିକେଟ ପାଇବା ପରେ ଜାମସେଠ, ମାଣ୍ଡୋସିଲ, ଛିଦେଇକେଲା ଅଞ୍ଚଳର କର୍ମୀମାନଙ୍କ ମଧରେ ଉତ୍ସାହ ଦେଖା ଦେଇଛି।

## କୃଷି ଅଧିକାରୀଙ୍କ ବିଭିନ୍ନ ଗ୍ରାମ ପରିଦର୍ଶନ




ପାଇକମାଳ, ୧୭।୪ (ସମିସ): ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ପାଇକମାଳ ସହ କୃଷି ଅଧିକାରୀ ନୂତନ କୁମାର ସୁରେନ, କୃଷି ଅଧିକାରୀ ଯୋଗେଶ୍ୱର ପଟେଲ, ଅହିଂସା କ୍ଲବରୁ ଓଡ଼ିଶା ମିଲଟ ମିଶନର ବ୍ଲକ ସଂଯୋଜକ ଗୌର ଚରଣ ସାହୁ, ସହସଂଯୋଜକ ରାକେଶ କୁମାର ପ୍ରଧାନ ପାଇକମାଳ ବ୍ଲକରେ ରବି ଋତୁରେ ଚାଷ ହୋଇଥିବା ବିଭିନ୍ନ ଗ୍ରାମର ମାଣ୍ଡିଆ କ୍ଷେତ ପରିଦର୍ଶନ କରିଥିଲେ। ସୋମନାଥ ମହାପାତ୍ର ରବି ଋତୁରେ ମାଣ୍ଡିଆ ଚାଷ କଲେ ଅଧିକ ଲାଭ ହେଉଛି ନା କ୍ଷତି ହେଉଛି ତାହା ଚାଷୀ ମାନଙ୍କୁ ପଚାରି ବୁଝିଥିଲେ, ଚାଷୀ ମାନେ ରବି ଋତୁ ଟିକିଏ ପାଣି ସୁବିଧା ଥିଲେ ଅନ୍ୟ ଚାଷ ବଦଳରେ ମାଣ୍ଡିଆ ଚାଷ କଲେ ଅଧିକ ଲାଭ ମିଳିବ ଓ କମ ପାଣିରେ ଚାଷ ଭଲ ହେବ ବୋଲି କହିଥିଲେ। ତେଣୁ ଧାନ ବଦଳରେ ଅଣ ଧାନଚାଷ କଲେ ଅଧିକ ଲାଭ ମିଳିବ ବୋଲିକୃଷି ଅଧିକାରୀ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଛେତଗାଁ ପଞ୍ଚାୟତର ପରଶଖଣ୍ଡି, ଭୁବନେଶ୍ୱରପୁର ପଞ୍ଚାୟତର ଭୁବନେଶ୍ୱରପୁ, ମଣ୍ଡିଆଡ଼ିପା ପଞ୍ଚାୟତର କେନବୁଦା, ଜାମସେଠ ପଞ୍ଚାୟତର ଡୁଡୁକିଝରିଆ ଗାଁର ମାଣ୍ଡିଆ ଚାଷ ଜମି ବୁଲି ଦେଖିଥିଲେ।

## ବିଜେଡିର ମିଶ୍ରଣ ପର୍ବ



ଭେଡେନ, ୧୭।୪(ସମିସ): ଭେଡେନ ଗ୍ରାମପଞ୍ଚାୟତର ଅନେକ ବିଜେପି ଓ କଂଗ୍ରେସର ଯୁବକର୍ମୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଦ୍ୱାରା ଚାଲିଥିବା ଅତାବିରା ନିର୍ବାଚନର ବିକାଶଧାରାରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଭେଡେନ ଅଞ୍ଚଳର ଅଜିତ ମେହେର, ଦଲ ମେହେର, ବଳିଷ୍ଠ ଦେହେରି, ରମାକାନ୍ତ ଭୁକ୍ତା, ଦୀପକ ଦାଶ, ଶେଷ ସାହୁ, ଅଲେଖ ପଟେଲ, କହ୍ନ ଡନସନା, ସୁରେନ ଧରୁଆ, ସୁଦାମ ଚାଉର, ସଂଗ୍ରାମ କୁଦେଇଙ୍କ ସମେତ ବହୁ ଯୁବକ ଶ୍ରୀମତୀ ଛୁରିଆଙ୍କ ବାସଭବନରେ ବିଧିବଦ୍ଧ ଭାବରେ ବିଜେଡିରେ ଯୋଗଦାନ କରିଥିଲେ। ଏହି ଅବସରରେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ରାଜେଶ ଅଗ୍ରୱାଲ, ସାହାଦତ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମ ନବମୀ ପାଳିତ

ଭଟଲି, ୧୭।୪(ସମିସ): ଭଟଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବଡମାଲ ଶ୍ରୀରାମ ମନ୍ଦିରକୁ ଶିଶୁ ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଗଦୀଶ ସାହୁ ଓ ଅଚ୍ୟୁତ ବୁଧିଆ ଶିଶୁ ମାନଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଲୋକନାଥ ମେହେର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରମୁଖ ସତ୍ୟବାନ ଦେହେରୀ ଉପସ୍ଥିତ ଥିଲେ। ବଡମାଲ ଗ୍ରାମବାସୀ ଶିଶୁ ମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରୀ ସିଦ୍ଧି ସ୍ୱରୂପା ସାହୁ ଶ୍ରୀ ରାମଙ୍କ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ଅଭିଭାବ, ଗୁରୁଜୀ, ଗୁରୁମା ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ଛତିଶଗଡ଼ ଚାଲାଣ ହେଉଥିବା ବିପୁଳ ପରିମାଣର ମହୁଲଫୁଲ ଜବତ, ୩ ଗିରଫ

ବରଗଡ଼, ୧୭।୪(ସମିସ)

ବରଗଡ଼ ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଛତିଶଗଡ଼ ଚାଲାଣ ହେଉଥିବା ବିପୁଳ ପରିମାଣର ମହୁଲ ଫୁଲ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସୋହେଲା ଗ୍ରୀଞ୍ଜେଲ ରାସ୍ତାର ଭୋଇଟିକ୍ରାରେ ଏକ ଟ୍ରକଭର୍ତ୍ତି ମହୁଲଫୁଲ ଜବତ କରାଯାଇଥିଲା। ସିଜି ୦୮ ଏଡବ୍ଲ୍ୟୁ ୬୩୧୧ ନମ୍ବରର ଉକ୍ତ ଟ୍ରକରୁ ୧୫୨ କୁଇଣ୍ଟାଲ ମହୁଲ ଫୁଲ ଅବକାରୀ ବିଭାଗ ଦ୍ୱାରା ଜବତ କରାଯିବା ସହ ଡ୍ରାଇଭରକୁ ଗିରଫ କରାଯାଇଥିଲା। ସେହିପରି ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ବୁକାଝୁଲା ଗ୍ରାମ ନିକଟରୁ ଓଆର ୦୮ ଇ ୯୫୭୨ ନମ୍ବରର ପିକଅପରୁ ୧୬ କୁଇଣ୍ଟାଲ ମହୁଲ ଫୁଲ ଜବତ କରାଯାଇଥିଲା। ଏହି ଘଟଣାରେ ଅବକାରୀ ବିଭାଗ ୨ ଜଣଙ୍କୁ



ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। ଜବତ ମହୁଲ ଫୁଲ ଛତିଶଗଡ଼ ଚାଲାଣ ହେଉଥିବା ଜଣାପଡ଼ିଛି। ପଦ୍ମପୁର ରେଞ୍ଜ ଅବକାରୀ ବିଭାଗ ଏବଂ ବରଗଡ଼ ଅବକାରୀ ବିଭାଗର ମୋବାଇଲ ୟୁନିଟ ଏହି ଚଢ଼ାଉରେ ମିଳିତ ଭାବେ ସାମିଲ ଥିଲେ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଓ ବିଜେଡି କର୍ମୀ ସମ୍ମିଳନୀ

ଭେଡେନ, ୧୭।୪ (ସମିସ): ଭେଡେନବ୍ଲକ ଅନ୍ତର୍ଗତ ଦେଶଭଟଲି ଗ୍ରାମପଞ୍ଚାୟତ ସ୍ଥିତ ପାୱାର



ଗ୍ରୀଟ ସମ୍ମୁଖ ଆମ୍ବବଗିଚାରେ ଅତାବିରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜୁବାବୁଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସକାଳ ୮ଘ ସମୟରେ ଉଦେପୁର ସ୍ଥିତ ମହାନଦୀ ଘାଟରେ ଭେଡେନବ୍ଲକ ବିଜୁଜନତାଦଳ ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ପିଣ୍ଡଦାନ ଓ ତିଳତର୍ପଣ କରାଯାଇଥିଲା। ପୁରୋହିତ ସରୋଜ ବେହେରା ପୂଜାର୍ଚ୍ଚନା କରିଥିବା ବେଳେ ପଞ୍ଚବନ ପୋଢ ସହଯୋଗ କରିଥିଲେ। ଯୁବସଭାପତି ସୁରେନ୍ଦ୍ର କର୍ମୀ, ପଞ୍ଚାୟତ ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ସରୋଜ ନନ୍ଦ, ବରିଷ୍ଠ ନେତା ବଳରାମ ସାହୁ, ପ୍ରମୋଦ ଦନ୍ତା, ଗଣେଶ କର୍ଣ୍ଣ ଉପସ୍ଥିତ ଥାଇ ତିଳତର୍ପଣ କରିଥିଲେ। ଶ୍ରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥି ସାଂସଦ ପ୍ରାର୍ଥିନୀ ପରିଣିତା ମିଶ୍ର, ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ରଞ୍ଜିତ ସାହୁ, ସୁଦାମ ଜାଲ, ମମତା ପଧାନ, ସତ୍ୟଜିତ ପୁରୋହିତ, ପଦ୍ମିନୀ ଗଡ଼ତିଆ, ପିଙ୍କି ବଡ଼େଇ, ଭେଡେନବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଅତାବିରା ବ୍ଲକ ଅଧକ୍ଷା ଗିତାଞ୍ଜଳି ନାଏକ, ଅତାବିରା ଏନଏସିର ଯୁବ ସଭାପତି ମଣ୍ଟୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅତାବିରା ନିର୍ବାଚନ ମଣ୍ଡଳୀର ଶଶତାଧିକ କର୍ମୀ ଏଥିରେ ଉପସ୍ଥିତ ଥିଲେ।

# ବିଭିନ୍ନ ଦେବୀ ପୀଠରେ ନବରାତ୍ର ପୂଜା

**ବ୍ରଜରାଜନଗର, ୧୭ ।୪(ସମିସ):** ବ୍ରଜରାଜନଗର ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ଦେବୀ ପୀଠରେ ନବରାତ୍ର ପୂଜା ତଥା ମାଙ୍କ ନବ ଦିନାତ୍ମକ ପୂଜା ଧୂମଧାମରେ ପାଳିତ ହୋଇଯାଇଛି। ବ୍ରଜରାଜନଗର ସହରରେ ଥିବା ମଙ୍ଗଳା ମନ୍ଦିର, ତାରିଣୀ ମନ୍ଦିର, ବ୍ରଜେଶ୍ୱରୀ ମନ୍ଦିର ଓ ମା' ରାମଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ଅନେକ ଭିଡ଼ ପରିଲକ୍ଷିତ ହୋଇଥିଲା। ବ୍ରଜରାଜନଗର ଅଞ୍ଚଳର ଇଷ୍ଟଦେବୀ ମା' ରାମଚଣ୍ଡୀଙ୍କ ମନ୍ଦିର ଲୋକାରଣ୍ୟ ହୋଇଉଠିଥିଲା। ରାମଚଣ୍ଡୀ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



# ଜେଲ୍ କଲୋନୀରେ ଶ୍ରୀ ରାମନବମୀ

**ଦେବଗଡ଼, ୧୭ ।୪ (ସମିସ):** ଦେବଗଡ଼ ଜିଲ୍ଲାର ବିଭିନ୍ନ ରାମମନ୍ଦିରରେ ପବିତ୍ର ରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଜେଲ୍ କଲୋନୀ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ୱତନ୍ତ୍ର ଉପକାରାଗାର କର୍ମଚାରୀ ଏବଂ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରୀ ରାମ ନବମୀ ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ କାରାରକ୍ଷୀ ମନ୍ଦରଧର ପ୍ରଧାନ ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ନିତ୍ୟାନନ୍ଦ କର୍ଣ୍ଣ, ସଂକୀର୍ତ୍ତନ ସାହୁ, ମୀନକେତନ ପ୍ରଧାନ, ରବୀନ୍ଦ୍ର ବାଘ ପ୍ରମୁଖ ସହଯୋଗ କରିଥିଲେ।

## ଯୋଗଦେଲେ ଛତିଶଗଡ଼, ବିହାର ଓ ମଧ୍ୟପ୍ରଦେଶ କଳାକାର

# ରାମମୟ ହେଲା ଝାରସୁଗୁଡ଼ା ସହର

**ଝାରସୁଗୁଡ଼ା, ୧୭।୪(ସମିସ)**

ରାମନବମୀ ଅବସରରେ ଝାରସୁଗୁଡ଼ା ସହର ରାମମୟ ହୋଇଯାଇଛି। ବିଗତ ୪ ଦିନ ହେବ ସହରସାରା ତୋରଣ, ବ୍ୟାନରପୋଷ୍ଟର ଦେଖିବାକୁ ମିଳିଥିଲା। ରାମନବମୀ ଅବସରରେ ବାହାରିଥିବା ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିଲା। ଦିନ ୩ ଟାରୁ ମଙ୍ଗଳବଜାରରୁ ବାହାରିଥିବା ଏହି ରାମନବମୀ ଶୋଭାଯାତ୍ରାରେ ବୁଡ଼ୋମାଲ, ରେଳୱେ କଲୋନୀ, ହାଉସିଂବୋର୍ଡ଼ କଲୋନୀ, ମୁଙ୍ଗାପଡ଼ା, କକ୍ସ କଲୋନୀ, ବେହେରାମାଲ, ଏକାତାଲି, ବିଟିଏମ କଲୋନୀ, କବରସ୍ଥାନ ପଡ଼ାରୁ ୧୩ଟି ଆଖଡ଼ା ଦଳ ଯୋଗ ଦେଇଥିଲେ। ଓଡ଼ିଶା ସମେତ ଛତିଶଗଡ଼, ମଧ୍ୟପ୍ରଦେଶ, କୋଲକାତା, ରାଞ୍ଚି, ଟାଟାନଗର ଅଞ୍ଚଳରୁ ଶତାଧିକ କଳାକାର ଯୋଗ ଦେଇଥିଲେ। ଶୋଭାଯାତ୍ରା ସମୟରେ ମାରୱାଡି ଯୁବା ମଞ୍ଚ, ଲାୟନ୍ସ କ୍ଲବ, ୱେଷ୍ଟାନ୍ ଡ୍ୟାନ୍ସ ଏକାଡେମୀ, ଜେସିଆଇ, ରୋଟାରି କ୍ଲବ, ମହିଳା ସମିତି, ପୁରୁଣାବସ୍ତି ଆଖଡ଼ା ସମିତି, ଶିବ ଶକ୍ତି ଆଖଡ଼ା ସମିତି, ବୁଡ଼ୋମାଲ ପଞ୍ଚମୁଖି ଆଖଡ଼ା ସମିତି ସମେତ ବିଭିନ୍ନ ବିଭିନ୍ନ ସାମାଜିକ ସଂଗଠନ ଯୋଗଦେଇଥିଲେ। ଶୋଭାଯାତ୍ରା ୩ ଟାରୁ ମଙ୍ଗଳବଜାରରୁ ବାହାରି ୫ଟାରେ କାଳି ମନ୍ଦିର, ୬ ଟାର ଝଣ୍ଡାଛକ, ୭ ଟାରେ ଷ୍ଟେସନଛକ, ୭.୩୦ରେ ପୁରୁଣା ବସ୍ତି ପୁରୁଣାବସ୍ତି, ୮ ଟାରେ ବସଷ୍ଟାଣ୍ଡ, ୯ ଟାରେ କାଳି ମନ୍ଦିର ପହଞ୍ଚିଥିଲା। ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୧୦ ପ୍ଲାଟୁନ ଫୋର୍ସ, ୮ ଇନ୍ସପେକ୍ଟର, ୧୪ ଜଣ ସବ ଇନ୍ସପେକ୍ଟର, ୧୫ ଜଣ ଏଏସଆଇ ସମେତ ହାବିଲଦାର, କନଷ୍ଟେବଲ ଓ ହୋମଗାର୍ଡ଼ ମୁତୟନ କରାଯାଇଥିଲା। ରାମନବନବମୀ ଅବସରରେ ସହର ସରବାହାଲ, ଗୌଡ଼ପଡ଼ା, ସରବାହାଲ, ଝଣ୍ଡାଛକ, ମଙ୍ଗଳବଜାର, ବସଷ୍ଟାଣ୍ଡ, ବିଟିଏମ, ବଡ଼ମାଲଠାରେ ଥିବା ହନୁମାନମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।



## ବିଜେଡି ପ୍ରାର୍ଥୀ ହେଲେ ରାଣୀ ଅରୁନ୍ଧତୀ



**ଦେବଗଡ଼, ୧୭ ।୪(ସମିସ):** ସମ୍ବଲପୁର ସାଂସଦ ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ରାଣୀ ଅରୁନ୍ଧତୀ ଦେବୀ ମଙ୍ଗଳବାର ବିଜେପି ଛାଡି ବିଜେଡିରେ ଯୋଗ ଦେବାପରେ ଦେବଗଡ଼ ବିଧାନସଭା ଆସନ ପ୍ରାର୍ଥୀନୀ ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ନାମ ଘୋଷଣା କରିଛନ୍ତି। ସାଂସଦ ନୀତେଶଙ୍କୁ ବିଜେପି ଅଣଦେଖା କରୁଥିବା ଅଭିଯୋଗ କରୁଥିବା ସାଂସଦଙ୍କ ପତ୍ନୀ ବିଜେପି ସହ ସମ୍ପର୍କ ଛିନ୍ନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ସହ ତାଙ୍କ ପୁତ୍ର ନମନ ଗଙ୍ଗଦେବ ମଧ୍ୟ ବିଜେଡିରେ ଯୋଗ ଦେଇଥିଲେ।

## ମା' ଦୁର୍ଗାଙ୍କ ବାସନ୍ତୀକ ନବରାତ୍ର ପୂଜା

# ଉତ୍ସବମୁଖର ବେଲପାହାଡ଼ ସହର

**ଝାରସୁଗୁଡ଼ା, ୧୭।୪(ସମିସ):** ବେଲପାହାଡ଼ ସହରର ଗୁମାଡେରାସ୍ଥିତ ଜୟ ମା' ବାଟ ମଙ୍ଗଳା ଓ କନକଦୁର୍ଗା ମନ୍ଦିର ଏବଂ ଗାନ୍ଧୀନଗରସ୍ଥିତ ନବଦୁର୍ଗା ମନ୍ଦିରରେ ମା' ଦୁର୍ଗାଙ୍କ ବାସନ୍ତିକ ନବରାତ୍ର ପୂଜା ପାଳିତ ହୋଇଛି। ଏହି ଦୁର୍ଗାପୂଜା ପାଇଁ ସାରା ବେଲପାହଡ଼ ସହର ଉତ୍ସବମୁଖର ହୋଇଉଠିଛି। ଉଭୟ ସ୍ଥାନରେ ଚଳିତ ଏପ୍ରିଲ ୯ ତାରିଖ କଳସ ଶୋଭାଯାତ୍ରାପରେ ୧୦ ତାରିଖରୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଆସନ୍ତା ୧୮ ତାରିଖ ଦଶମୀ ଦିନ ଘଟ ବିସର୍ଜନପରେ ଏହା ସମାପ୍ତ ହେବ। ଏହି ଅବସରରେ ବିଭିନ୍ନ ଦିନରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ମଧ୍ୟରୁ ବିଲ୍ୱାଧିବାସ, କଳସ ସ୍ଥାପନ, ଅଙ୍କୁରାରୋପଣ, ମା' ଶୈଳପୁତ୍ରୀ ପୂଜା, ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ, ମା' ବ୍ରହ୍ମଚାରିଣୀ ପୂଜା, ମା' ଚନ୍ଦ୍ରଘଣ୍ଟା ପୂଜା, ମା' କୁଷ୍ମାଣ୍ଡା ପୂଜା, ମା' ସ୍କନ୍ଦମାତା ପୂଜା, ମା' କାତ୍ୟାୟନୀ ପୂଜା, ମା' କାଳରାତ୍ରି ପୂଜା, ମା' ମହାଗୌରୀ ପୂଜା, ସନ୍ଧି ପୂଜା, ସନ୍ଧି ବଳି ପ୍ରୋକ୍ଷଣ, ସନ୍ଧିପୂଜା ସମାପନ, ମା' ସିଦ୍ଧିଦାତ୍ରୀ ପୂଜା, ନବ କୁମାରୀ ପୂଜା, ନବ କୁମାରୀ ପସାଦ ସେବନ, ଅପରାଜୀତା ପୂଜା, ପୂର୍ଣ୍ଣାହୁତି, ଘଟ ବିସର୍ଜନ, ପ୍ରତିଦିନ ହୋମ ଆଦି ପୂଜା କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସଞ୍ଜ ଆଳତୀ ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ବିତରଣ କରାଯାଉଛି। ଗୁମାଡେରାସ୍ଥିତ ଜୟ ମା' ବାଟ ମଙ୍ଗଳା ଓ କନକ ଦୁର୍ଗା ମନ୍ଦିରରେ ଏହି ପୂଜା ପାଇଁ କର୍ତ୍ତା ଭାବରେ ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା (ବୁଲୁ) ଏବଂ ସପତ୍ନୀକ ପୂଜାକାର୍ଯ୍ୟ ତୁଲାଉଛନ୍ତି। ମୁଖ୍ୟପୂଜକ ଭାବରେ ପଣ୍ଡିତ ପ୍ରଦୀପ କୁମାର ମିଶ୍ରଙ୍କ ସମେତ ଗୁରୁଚରଣ ଷଡ଼ଙ୍ଗୀ, ବାପି ଦାଶ, ବିନୋଦ ମହାପାତ୍ର, ସୁରେଶ ସାହୁ ଓ ଧରଣୀଧର ପାଣିଗ୍ରାହୀ ପ୍ରମୁଖ ସହଯୋଗୀ ପୂଜାର୍ଚ୍ଚନା କରୁଛନ୍ତି। ଆୟୋଜକ ପୂଜା କମିଟିର ସଭାପତି ଅମରେନ୍ଦ୍ର ପ୍ରତାପ ସିଂ, ସାଧାରଣ ସମ୍ପାଦକ କ୍ଷୀରୋଦ ପଟେଲ, କୋଷାଧ୍ୟକ୍ଷ କ୍ରିଷ୍ଣା ଶର୍ମା, ସୁରେଶ ସାହୁଙ୍କ ସମେତ ନିମାଇଁ ଚରଣ ପଣ୍ଡା, ମନୋରଞ୍ଜନ ନାୟକ, ମିତ୍ରଭାନୁ ବଗାର, ଅଶୋକ ଭଇଁଷାଲ, ଯୁଧିଷ୍ଠିର ବଗର୍ତ୍ତି, ମହେନ୍ଦ୍ର ବଗର୍ତ୍ତି, ଝସକେତନ ପ୍ରଧାନ, ଗୋବର୍ଦ୍ଧନ ସାହୁ, ରତ୍ନାକର ସାଏ, ମୁକ୍ତେଶ୍ୱର ଲୁହାର, ପଙ୍କଜ ସାଏ, ପ୍ରେମାନନ୍ଦ ଗୁରୁ ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ଗାନ୍ଧୀନଗରସ୍ଥିତ ନବଦୁର୍ଗା ମନ୍ଦିରରେ ମା' ଦୁର୍ଗାଙ୍କ ବାସନ୍ତିକ ନବରାତ୍ର ପୂଜା ପାଳିତ ହୋଇଯାଇଛି। ଏହି ପୂଜା ପାଇଁ ଶରତ ପାଣିଗ୍ରାହୀ ଏବଂ ତାଙ୍କ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପୂଜକ ଭାବରେ ପଣ୍ଡିତ ରବିଶଙ୍କର ମହାପାତ୍ରଙ୍କ ସମେତ ରାନୁ ମହାପାତ୍ର, ରାଜୁ ତ୍ରିପାଠୀ, ରାଜ ତିୱାରୀ, ମୋହନ ନନ୍ଦ ପ୍ରମୁଖ ସହଯୋଗୀ ପୂଜାର୍ଚ୍ଚନା କରୁଛନ୍ତି। ଆୟୋଜକ ପୂଜା କମିଟିର ସଭାପତି ପ୍ରମୋଦ ସେନାପତି, ସମ୍ପାଦକ ପ୍ରମୋଦ ଶତପଥୀ, କୋଷାଧ୍ୟକ୍ଷ ଭବାନୀଶଙ୍କର ଧରଙ୍କ ସମେତ ଶ୍ୟାମସୁନ୍ଦର ଶତପଥୀ, ହାଡୁ ପ୍ରଧାନ, କୈଳାସ ନାଏକ, ନରସିଂହ ଦେହୁରୀ, ପର୍ଶୁରାମ ଗିରି, ବିକ୍ରମ ସିଂ, ମନୋଜ ସାହୁ, ରିଙ୍କୁ ମହାପାତ୍ର, ଅଶ୍ୱିନୀ ପ୍ରଧାନ, ପଙ୍କଜ ନାଏକ ପ୍ରମୁଖ ସମସ୍ତ ସଦସ୍ୟ ପୂଜା ଆୟୋଜନରେ ସହଯୋଗ କରୁଛନ୍ତି।



# ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜଳଛତ୍ର

**ରିଆମାଳ, ୧୭ ।୪(ସମିସ):** ରିଆମାଳ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶ୍ରୀରାମ ନବମୀ ଅବସରରେ ଆଜି ଜଳଛତ୍ର କରାଯାଇଛି। ବିଦ୍ୟାଳୟର ସଭାପତି ଘନଶ୍ୟାମ ସାହୁ ଓ ସାଧାରଣ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ଉପସ୍ଥିତିରେ ଗୁରୁଜୀ, ଗୁରୁମା ଓ




ଛାତ୍ରଛାତ୍ରୀ ମାନେ ଜନସାଧାରଣଙ୍କୁ ଦହି ସରବତ ଓ ଲେମ୍ବୁ ସରବତ ପ୍ରଦାନ କରିଥିଲେ। ଏହି ଜଳଛତ୍ର ଗ୍ରୀଷ୍ମ ଛୁଟି ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନ ଆଚାର୍ଯ୍ୟ ପରିପ୍ରକାଶ କରିଥିଲେ। ଟଙ୍କଧର ସାହୁ, ପ୍ରତାପ କୁମାର ସ୍ୱାଇଁ, ରଞ୍ଜନ ବେହେରା, ଦଶରଥ ନାୟକ, ଭାରତୀ ପ୍ରଧାନ, ପିଙ୍କି ସାହେବ, କବିତା ସାହୁ, ପ୍ରଭାତୀ ବେହେରା, ସୌଦାମିନୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ମାଝୀ, ସରିତା ସାମଲ, ପ୍ରେମମଞ୍ଜରୀ ସାହୁ, ସଞ୍ଜୟ ପ୍ରଧାନ, ବିଷ୍ଣୁ ବେହେରା, ଗିତାଞ୍ଜଳି ସାହୁ, ଅର୍ଚ୍ଚନା ପ୍ରଧାନ, ରମେଶ କୁମାର ସାହୁ ଓ ହେମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଲେଇଚ ପ୍ରଧାନ, ସତ୍ୟବାଦୀ ବିଶ୍ୱାଳ ଓ ସୁକୁମାରୀ ପ୍ରଧାନ ପ୍ରମୁଖ ସେବିକାମାନେ ମଧ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳରୁ ରୋଗୀଙ୍କ ମୋବାଇଲ ଚୋରି

**ଝାରସୁଗୁଡ଼ା, ୧୭।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନଅପରାଧିଙ୍କ ଦୋରାତ୍ମ୍ୟ ବଢ଼ିବାରେ ଲାଗିଛି। ରୋଗୀମାନେ ନିଜ ବେଡ୍‌ରେ ରଖିଥିବା ମୋବାଇଲ ଫୋନ ଚୋରି ହେଉ ଯାଉଥିବା ମଧ୍ୟ ଅଭିଯୋଗ ହୋଇଆସୁଛି। ବୁଧବାର ଅପରାହ୍ନରେ ଜଣେ ରୋଗୀ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ତାଙ୍କ ମୁଣ୍ଡପଟେ ମୋବାଇଲକୁ ରଖି ଶୋଇପଡ଼ିଥିଲେ। କେହି ଦୁର୍ବୃତ୍ତ ଆସି ଚୋରି କରିନେଇଥିଲା। ରୋଗୀଜଣକ ଚାରିପଟେ ଖୋଜାଖୋଜି କରି ନିରାଶ ହୋବାପରେ ଲିଖିତ ଭାବରେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି।

# ତିରୋଧାନ ଦିବସରେ ବିଜୁବାବୁଙ୍କ ସ୍ମୃତିଚାରଣ







**ଦେବଗଡ଼, ୧୭ ।୪(ସମିସ)**

ପ୍ରବାଦ ପୁରୁଷ ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଉପଲକ୍ଷେ ଜିଲ୍ଲା ବିଜେଡି ପକ୍ଷରୁ ସ୍ଥାନୀୟ ସେଣ୍ଟର ଫର୍ କଲ୍‌ଚରଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାଶ ଯୋଗ ଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀର ଭିନ୍ନଭିନ୍ନ ରୋଚକ ଦିଗ ଉପରେ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁତିଭୂଷଣ ଗଙ୍ଗଦେବ, ଚାଷୀନେତା ପ୍ରମୋଦ କୁମାର ଝାଙ୍କର, ଉମାଶଙ୍କର ସାହୁ, କାମାକ୍ଷା ପ୍ରସାଦ ଗଙ୍ଗଦେବ, ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରାଙ୍କ ସମେତ ଅନେକ ବକ୍ତା ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମହିଳା, ଯୁବ, ଛାତ୍ର ସମେତ ବିଜୁ ଜନତା ଦଳର ସମସ୍ତ ସଂଗଠନର କର୍ମୀ ଓ ପଦାଧିକାରୀ ଉପସ୍ଥିତ ଥିଲେ।

**ଦେବଗଡ଼ :** ଜିଲ୍ଲା ବିଜେଡି ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ତିରୋଧାନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆଜି ସକାଳୁ ପ୍ରଧାନପାଟ ଘାଟ ଠାରେ ଦଳୀୟ କର୍ମୀମାନେ ବ୍ରାହ୍ମଣଙ୍କ ମନ୍ତ୍ରଚାରଣ ପୂର୍ବକ ତିଳତର୍ପଣ ସହ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଗୋପାଳଜୀଉ ମନ୍ଦିରଠାରେ ଦଳୀୟକର୍ମୀ ଓ ପଦାଧିକାରୀ ମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଆତ୍ମାର ସଦ୍‌ଗତି ପାଇଁ ପୂଜାପାଠ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ବିଜେଡି ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମଞ୍ଜୁଲତା ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ରାଜକିଶୋର ଦାସ, ଦୀପନ ନାୟକ, ପ୍ରତାପ କୁମାର ଦେବ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ,




ସୁଜାତା ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା, ଅମରେନ୍ଦ୍ର ଗଙ୍ଗଦେବଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

**ଝାରସୁଗୁଡ଼ା :** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ବିଜୁ ଜନତା ଦଳ ତରଫରୁ ବଡ଼ମାଳଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦିପାଳୀ ଦାସଙ୍କ ସହ ଝାରସୁଗୁଡ଼ା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡ଼ିଆଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ଜିଲ୍ଲା ସଭାପତି ରବି ସିଂ, ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ତାପସ ରାୟ ଚୌଧୁରୀ, ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ ହରିଶ ଗଣତ୍ରା, ସନ୍ଦି ଆବସ୍ତି, ଦାମୋଦର ନାଥ, ବରିଷ୍ଠ ଆଇନଜୀବୀ ରଘୁମଣୀ ଟେଲ, ମଦନ ହାତୀ, ପିଣ୍ଟୁପାଢ଼ି, ପ୍ରତା ନନ୍ଦ, ପୱନ୍ ସିଂ ଯାଦବ, ଜୟପ୍ରକାଶ କୁଅଁର, ତୁଳସୀ ଦାସ, ୱାର୍ଡ ନଂ ୨୩ର କାଉନସିଲର ଜି ରମନା ରାଓ, ଗୀତାଞ୍ଜଳି ପଣ୍ଡା, ନବନିତ କୋରପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି ବେଲପାହାଡ଼ ଶନିମନ୍ଦିର ଛକଠାରେ ମଧ୍ୟ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଶନିମନ୍ଦିର ଛକ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ବେଲପାହାଡ଼ ପୌରପରିଷଦର ବିଜେଡ଼ି କାଉନସିଲର, ବିଜେଡି ଟାଉନ ସଭାପତି କୈଳାସ ନାଏକ, ଶ୍ୟାମସୁନ୍ଦର ଶତପଥୀ, ଶମ୍ଭୁ ମହାନ୍ତି ଉପସ୍ଥିତ ଥିଲେ।

**ବ୍ରଜରାଜନଗର:** ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ନିକଟ ନୁଆଡିହି ଛକ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ବ୍ରଜରାଜନଗର ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବ୍ରଜରାଜନଗର ବିଧାୟିକା ତଥା ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ, ବେଲପାହାଡ଼ ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ପର୍ଶୁରାମ ସାହୁ ଯୋଗଦାନ କରିଥିଲେ। ବରିଷ୍ଠ ବିଜେଡି ନେତା କୁଳମଣି ଦାଶ, ପ୍ରସନ୍ନ ଚୌଧୁରୀ, ବାବୁ ଲାଲ ରୁଙ୍ଗଟା, ମହେନ୍ଦ୍ର ନାୟକ, ଗୋବିନ୍ଦ ସାହୁ, ମଙ୍ଗଳ ସାହୁ, ଲଖନପୁର ବ୍ଲକ ବିଜେଡି ସଭାପତି ରବିରତ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗେଶ ମହାନ୍ତି, ସମିତିସଭ୍ୟ ରାଜେନ୍ଦ୍ର ସାହୁ, ମହିଳା ବିଜେଡି ସଭାନେତ୍ରୀ ନଳିନୀ ପ୍ରଧାନ, ପ୍ରମିଳା ରାୟ ଚୌଧୁରୀ, ଆକାଶ ବଡେଇ, ସନ୍ତୋଷ ଖେଡେକର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



# ଧର୍ମଗଡ଼ରେ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଗଡ଼, ୧୭ ।୪(ସମିସ)**

ଧର୍ମଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ଅବସରରେ ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ, ମହାନ ସ୍ୱାଧୀନତା ସଂଗ୍ରାମୀ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଛି। ବିଜୁ ଜନତା ଦଳର ବ୍ଲକ ସଭାପତି ଟିକମନ୍ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ରାଜ୍ୟ ସମାଜ ମଙ୍ଗଳ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଜିଲ୍ଲା ପରିଷଦ ସଭ୍ୟ ଗୋପୀ ମହାନନ୍ଦ, ପ୍ରଣବ ଭଏଁସାଲ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷା ହୀରା ବାଗ, ସରକାରୀ ଓକିଲ ରାଜେନ୍ଦ୍ର ମୁନୀ, ଧୀରେନ୍ଦ୍ର ପାତ୍ର, ଭବାନୀପଣ୍ଡା, ଅଜିତ କୁମାର ସାହୁ, ମହିଳା ବ୍ଲକ ସଭାନେତ୍ରୀ ମିଥିଳା ପୁଞ୍ଜି, ଏନ୍ଏସି ସଭାପତି ମଦନ ନାଏକ,



ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ଛତ୍ରିଆ, ଅଶୋକ କୁମାର ପଟ୍ଟଯୋଷୀ, ରାଜେନ୍ଦ୍ର କୁମାର ଭୋଇ, ଯୋଗେନ୍ଦ୍ର ସାହୁ, ଡାକେ ଲହଜଲ, ସରପଞ୍ଚ ମୁକୁନ୍ଦ ଶବର, ସରପଞ୍ଚ ପ୍ରତିନିଧି ସଞ୍ଜୀବ ସାହୁ, ବିଭସ୍ନ ନେଗୀ, ସ୍ୱାଧୀନ ବାଗ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ବିଜୁ ବାବୁଙ୍କ ଓଡ଼ିଆ ଜାତି, ଓଡ଼ିଶା ରାଜ୍ୟ ପ୍ରତି ଥିବା ସ୍ନେହ ଓ ରାଜ୍ୟକୁ ସର୍ବାଙ୍ଗୀନ ବିକାଶ କରାଇବାର ସ୍ୱପ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ସଂସ୍କୃତିକୁ ସେ ଦେଶବିଦେଶରେ ପ୍ରଚାରପ୍ରସାର କରାଇବାରେ ତାଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଏନ୍ଏସି ଅଧ୍ୟକ୍ଷା ହୀରାବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଧୁମ୍‌ଧାମ୍‌ରେ ପାଳିତ ହେଲା ରାମନବମୀ



**କେସିଙ୍ଗା, ୧୭ ।୪ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ରାମ ଭକ୍ତ କି ଟୋଲି ଓ ଅନ୍ୟାନ୍ୟ ରାମଭକ୍ତ ସଂଗଠନ ପକ୍ଷରୁ ମହା ଆଡମ୍ବରରେ ରାମନବମୀ ପାଳିତ ହୋଇଛି। ବଲାଙ୍ଗିର ଛକ ହରିଓମ୍ କମ୍ପ୍ଲେକ୍ସସ୍ଥିତ ଶ୍ରୀହନୁମାନ ମନ୍ଦିରରୁ ଏକ ବିରାଟ ମଟର ସାଇକଲ ରାଲି ସହର ପରିକ୍ରମା କରିଥିଲା। ପରେ ଅପରାହ୍ନ ୪ ଘଣ୍ଟା ସମୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବଲାଙ୍ଗିର ଛକସ୍ଥିତ ହରି ଓଁ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ବାହାରିଥିଲା। କେସିଙ୍ଗା ବ୍ଲକ ସମ୍ମୁଖରେ କେସିଙ୍ଗା ବ୍ରାହ୍ମଣ ସମାଜ ପକ୍ଷରୁ ସଭାପତି ପ୍ରଦୀପ୍ତ କୁମାର ରଥଙ୍କ ନେତୃତ୍ୱରେ ରାଲି ହୋଇଥିଲା।

## ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ବଲାଙ୍ଗିରର ସାଇରାଜ କୃତକାର୍ଯ୍ୟ

**ବଲାଙ୍ଗିର, ୧୭ ।୪(ସମିସ):** ବଲାଙ୍ଗିର ସହରର ନିବାସୀ ସାଇରାଜ ମିଶ୍ର ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବର୍ତ୍ତମାନ ସେ ବିଶାଖାପାଟଣାରେ ଆୟକର ବିଭାଗରେ କାର୍ଯ୍ୟରତ। ତେବେ ପୂର୍ବରୁ ସେ ଦୁଇ ଥର ପରୀକ୍ଷା ଦେଇଥିଲେ। ପ୍ରଥମ ଥର ପ୍ରିଲିମ ଏବଂ ଦ୍ୱିତୀୟ ଥର ମେନ୍‌ରେ ବିଫଳ ହୋଇଥିଲେ। ଏଥିରେ ସେ ଭାଙ୍ଗି ନ ପଡ଼ି ପ୍ରସ୍ତୁତି ଜାରି ରଖିଥିଲେ; ଯାହାକି ତାଙ୍କୁ ସଫଳତା ଦେଇଛି। ସୂଚନାଯୋଗ୍ୟ, ତାଙ୍କ ବାପା ସଞ୍ଜୟ ମିଶ୍ର ମେଡିକାଲ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରୁଥିବା ବେଳେ ମା ରେଣୁକା ଶତପଥୀ ଜଣେ ଶିକ୍ଷୟିତ୍ରୀ। ସାଇରାଜ ୨୦୦୦ ଏପ୍ରିଲ ୧୬ରେ ଜନ୍ମ ଗ୍ରହଣ କରିଥିବାବେଳେ ସ୍ଥାନୀୟ ବିଶ୍ୱାମ୍ବା ବିଦ୍ୟାମନ୍ଦିରରୁ ଦଶମଶ୍ରେଣୀ ପାଠପଢ଼ିବା ପରେ ଯୁବୋଦୟ ହାୟର ସେକେଣ୍ଡାରୀ ସ୍କୁଲରୁ ବିଜ୍ଞାନରେ ଯୁକ୍ତ ୨ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ଭୁବନେଶ୍ୱରସ୍ଥିତ ବିଜେବି ମହାବିଦ୍ୟାଳୟରୁ ଭୂଗୋଳ ସମ୍ମାନରେ ଡିଗ୍ରୀ ହାସଲ କରିଥିଲେ। ୬ମାସ ତଳେ ସେ ଆୟକର ବିଭାଗରେ ଚାକିରି ପାଇଛନ୍ତି।



## ମା' ସମଲେଶ୍ୱରୀଙ୍କ ପୀଠରେ ଛେଣାପଣା କାର୍ଯ୍ୟକ୍ରମ

**ବଲାଙ୍ଗିର, ୧୭ ।୪(ସମିସ):** ବାସନ୍ତୀ ନବରାତ୍ରି ଅଷ୍ଟମୀ ତିଥିରେ ରୀତିନୀତି ଅନୁସାରେ ମା' ସମଲେଶ୍ୱରୀଙ୍କ ପୀଠରେ ଛେଣାପଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳିକେଶ ନାରାୟଣ ସିଂହଦେଓ ମା ସମଲେଶ୍ୱରୀଙ୍କ ପାଖରେ ପୂଜା ଅର୍ଚ୍ଚନା କରି ବଲାଙ୍ଗିରବାସୀଙ୍କ ମଙ୍ଗଳ କାମନା ପାଇଁ ପାର୍ଥନା କରିଥିଲେ। ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅକ୍ଷୟ ଟଙ୍କଧର ଦିଶ୍ରୀ ପୂଜନ କର୍ମ ତୁଲାଉଥିବା ବେଳେ ହଇଜା, ବସନ୍ତ ଭଳି ମହାମାରୀରୁ ବଲାଙ୍ଗିର ସହରକୁ ରକ୍ଷା କରିବା ପାଇଁ ମା'ଙ୍କଠାରେ ଛେନାପଣା କରାଯାଇଥାଏ। ଏହି ଅବସରରେ ମା'ଙ୍କ ପୀଠରୁ ଭକ୍ତଙ୍କ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଥିବା ବେଳେ ସହରର ଚାରି ଦିଗକୁ କିଳା ଯାଇଥାଏ।



## ଖଲିଆପାଲିରେ ବିଜେଡିର ଯୁବସମାବେଶ

**ବଲାଙ୍ଗିର, ୧୭ ।୪(ସମିସ):** ଖଲିଆପାଲି ପଞ୍ଚାୟରେ ବିଜେଡି ପକ୍ଷରୁ ଏକ ବିଶାଳ ଯୁବ ସମାବେଶ ଆୟୋଜିତ ହୋଇଯାଇଛି। ମନହିରା, ଖଲିଆପାଲି, ସକମା, ଚନ୍ଦନଭାଟି, ମିର୍ଦ୍ଧାପାଲି ଓ କୁଟୁମଡୋଲା ପଞ୍ଚାୟତର ୧ ହଜାରରୁ ଅଧିକ ଯୁବକଙ୍କୁ ନେଇ ବାଇକ୍ ରାଲି ବହାରିଥିଲା। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତାଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଯୁବସମାବେଶରେ ବିଜେଡିର ବିଧାୟକ ପ୍ରାର୍ଥୀ କଳିକେଶନାରାୟଣ ସିଂଦେଓ ଯୋଗଦେଇ ଏହି ୫ଟି ପଞ୍ଚାୟତରେ କରାଯାଇଥିବା ବିକାଶମୂଳକ ପ୍ରକଳ୍ପ ବିଷୟରେ କହିଥିଲେ। ସଦର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୁଲାବ ବାଗ, ସଦର ବ୍ଲକ ଯୁବ ସଭାପତି ଟିଟୁ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

## ସିନାପାଲିରେ ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ

**ସିନାପାଲି, ୧୭ ।୪(ସମିସ):** ସିନାପାଲି ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଆସନ୍ତା ମେ' ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଦିନ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଗ୍ରସେନ ଭବନରେ ବ୍ଲକ ବ୍ରାହ୍ମଣ ସମାଜର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଉପ କମିଟି ଗଠନ କରାଯିବା ସହିତ ବିଭିନ୍ନ ମଣ୍ଡଳ ସମ୍ପର୍କ ଅଭିଯାନ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବ୍ଲକ ବ୍ରାହ୍ମଣ ସମାଜ ସମ୍ପାଦକ ଅଶ୍ୱନୀ କୁମାର ଯୋଷୀଙ୍କ ସମେତ ଦିବାକର ଖମାରୀ, ବଳଭଦ୍ର ଖମାରୀ, ନାରାୟଣ ପାତ୍ର, ସୁବାସ ଚନ୍ଦ୍ର ବେହେରା, ସତ୍ୟ ନାରାୟଣ ପାତ୍ର, ରଣଧୀର ସୂପକାର ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ ପ୍ରସାଦ ତିୱାରୀ, ରବୀନ୍ଦ୍ର କୁମାର ଯୋଷୀ, ମହାବୀର ମିଶ୍ର, ଅରିଗଞ୍ଜନ ଯୋଷୀ, ପଙ୍କଜ ପାତ୍ର, ଅରୁଣ କୁମାର ଯୋଷୀ, ମହାବୀର ଯୋଷୀ, ପ୍ରଦୀପ କୁମାର ଯୋଷୀ, ନୀଳମଣି ବେହେରା, ସଞ୍ଜୟ ବେହେରା, ସୁପୁଛ ମୌଳି ପାଣିଗ୍ରାହୀ, ଅଜିତ କୁମାର ଯୋଷୀ, ଅଶୋକ କୁମାର ସୁପକାର, ଅତୁଲ କୁମାର ପାତ୍ର, କୁଞ୍ଜବିହାରୀ ଯୋଷୀ, ବାଣୀ ବଲ୍ଲଭ ପାଣିଗ୍ରାହୀ, ସଞ୍ଜୀବ ମିଶ୍ର, ପ୍ରକାଶ ପାତ୍ର, ସଜତ ଯୋଷୀଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଖଦ୍ୟୋତର ୭ମ ବାର୍ଷିକ ଉତ୍ସବ



**ବଲାଙ୍ଗୀର, ୧୭ ।୪(ସମିସ):** ଟେଲିଗୋଠ ପଡ଼ାସ୍ଥିତ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାରରେ ଖଦ୍ୟୋତ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଲୋଇସିଂହା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ, ମୁଖ୍ୟବକ୍ତା ବକ୍ତା ଭାବେ କବି ଶୁଭ୍ରାଂଶୁ ଶେଖର ପଣ୍ଡା, ଆନନ୍ଦ ବଡପଣ୍ଡା, ସମ୍ପାଦକ ଆକୁଳ ବେହେରା ମଞ୍ଚାସୀନ ଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ଦିଆଯାଇଥିଲା। ଅଶୋକ ମେହେର ଓ ଆଚାର୍ଯ୍ୟ ଶିବ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସଭାପତି ପ୍ରଫେସର ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଧର୍ମବ୍ରତ ରଥ, ଦିବାକର ହୋତା, ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି, ସତ୍ୟନାରାୟଣ ପାଣିଗ୍ରାହୀ, ରାଜେଶ ପାଣିଗ୍ରାହୀ, ଉମାକାନ୍ତ ନାଥ, ଅଧ୍ୟାପିକା ନମ୍ରତା ପାଣିଗ୍ରାହୀ ପରିଚାଳନା କରିଥିଲେ। ମୀନକେତନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଇ ପୀଠରେ ଚୈତ୍ର ଯାତ୍ରା ସମ୍ପନ୍ନ

**ତୁଷୁରା, ୧୭ ।୪(ସମିସ):** ଚୈତ୍ରଯାତ୍ରା ଅବସରରେ ଏଠାରେ ଛତର ଯାତ୍ରା ସମ୍ପନ୍ନ ହୋଇଛି। ମା' ସମଲେଇ ବରୁଆ ଅଶୋକ ପଧାନୀଙ୍କ ଦେହରେ ଆବିର୍ଭାବ ହୋଇଥିଲେ। ସମଲେଶ୍ୱରୀ ମନ୍ଦିର ଚାରିପଟେ ଭକ୍ତଙ୍କ ପ୍ରବଳ ଜନସମାଗମ ହୋଇଥିଲା। କମିଟି ତରଫରୁ ଝାଙ୍କର ଗୋପାଳ ଭୋଇଙ୍କ ଘରକୁ ଛତର ନିଆଯାଇଥିଲା। ଶାନ୍ତି ଶୃଙ୍ଖଳା ସହିତ ଯାତ୍ରା ସମାପନ ହୋଇଥିବାରୁ ଯାତ୍ରା କମିଟି ସଭାପତି ଜଗଦୀଶ ପାଣ୍ଡିଆ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।



## ବିଜୁ ବାବୁଙ୍କ ସ୍ମୃତିରେ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି, ୧୭ ।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ମହାନ ଜନ ନାୟକ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଓ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ଅମଜଦ ଖାଁନ ଯୋଗ ଦେଇଥିଲେ। ଜିଲ୍ଲା ବିଜୁ ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାଁଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଜିଲ୍ଲା ପ୍ରଶାସନର ଅଭିନବ ନିର୍ବାଚନୀ ସଚେତନତା

**ବଲାଙ୍ଗିର, ୧୭।୪ (ସମିସ):** ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଘୋଷଣା ଅନୁସାରେ ଆସନ୍ତା ମେ ମାସ ୨୦ ତାରିଖରେ ବଲାଙ୍ଗିର ଜିଲ୍ଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲାର ସମସ୍ତ ଭୋଟର କିପରି ନିର୍ବାଚନରେ ଭାଗ ନେବେ ତଥା ବୁଥ୍‌କୁ ଆସି ମତଦାନ ସାବ୍ୟସ୍ତ କରିବେ ସେ ଦିଗରେ ସଚେତନତା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଅଭିନବ ଢଙ୍ଗରେ ସଚେତନ କରାଉଛି।




ଏହି ପରିପେକ୍ଷୀରେ ମାଟି ପାତ୍ରରେ ନିଶ୍ଚିତ ଭୋଟ ଦେବାସହ ୨୦ ମେ ମତଦାନ କେନ୍ଦ୍ରକୁ ଆସିବାକୁ କୁହାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଗୌରଓ ଶିଓାଜି ଇସାଲଓାରଙ୍କ ନିର୍ଦ୍ଦେଶାନୁକ୍ରମେ ଏହି କାର୍ଯ୍ୟକ୍ରମ କରାଯାଉଛି। କାର୍ଯ୍ୟକ୍ରମ ଦ୍ୱାରା ନିର୍ବାଚନରେ ସମସ୍ତ ମତଦାତା ସାମିଲ ହୋଇ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଭାବେ ମତଦାନ କରିବାକୁ ପ୍ରଶାସନର ପ୍ରଶାସନର ଲକ୍ଷ୍ୟ ରହିଥିବା ବେଳେ ନିଜର ମୂଲ୍ୟବାନ ଭୋଟ ଦେବାକୁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଓର୍ମାସ ସିଏଇଓ କମଳେନ୍ଦୁ ପାଲ, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସୁମନ ଦ୍ୱିବେଦୀ ଓ ଜିଲ୍ଲାପରିଷଦ ଅଫିସର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

**ବଲାଙ୍ଗିର, ୧୭ ।୪(ସମିସ):** ବଲାଙ୍ଗିର ବିଜେଡ଼ି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ବଲାଙ୍ଗିର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପାର୍କସ୍ଥିତ ଓଡ଼ିଆ ଜାତିର ସ୍ୱାଭିମାନ, ମହାନ୍ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡ଼ି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବଲାଙ୍ଗିର ପୌର ଅଧ୍ୟକ୍ଷା ଲିକା ସାହୁ, ବିଜେଡ଼ି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ମେହେର, କାଉନସିଲରଙ୍କ ସହ ଶତାଧିକ ବିଜେଡ଼ି କର୍ମକର୍ତ୍ତା ଉପସ୍ଥିତ ରହି ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



## ଖରିଆରରୋଡରେ ଜମାରା ଶୋଭାଯାତ୍ରା

**ନୂଆପଡ଼ା, ୧୭ ।୪(ସମିସ):** ସ୍ଥାନୀୟ ଖରିଆରରୋଡ ସହରରେ ଶୀତଳାମାତାଙ୍କର ନବରାତ୍ରି ପୂଜା ଅବସରରେ ଜମାରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଖରିଆରରୋଡସ୍ଥିତ ଶୀତଳାମାତାଙ୍କ ମନ୍ଦିରରେ ଆଜିକୁ ନଅ ଦିନ ଧରି ପୂଜାର୍ଚ୍ଚନା କରାଯାଇଥିବାବେଳେ ଗୁରୁବାର ଦିନ ଉଦ୍‌ଯାପନୀ ଉତ୍ସବରେ ପୂଜା କରାଯାଇଥିବା ଜମାରାର ଶୋଭାଯାତ୍ରା ବାହାରିଥିଲା। ସଭାପତି ଗୋଲୁ ଯାଦବ, ସମ୍ପାଦକ ଶେଖର ଯାଦବଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ମହିଳାମାନଙ୍କର ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ପୂର୍ବାହ୍ନ୧୦ଟାରୁ ମଧ୍ୟାହ୍ନ ଯାଏଁ ଶୋଭାଯାତ୍ରା ସହରପରିକ୍ରମା କରିଥିଲା। ଏଥିରେ କମିଟିର ଉପସଭାପତି ମନକାଣ୍ଡ ବେମାଲ, କୋଷାଧ୍ୟକ୍ଷ ରାଜେଶ ଯାଦବ, ସଦସ୍ୟ ରୁପେଶ ଯାଦବ, ସରୋଜ ଯାଦବ, କାର୍ତ୍ତିକ ଯାଦବ, ସୋନୁ ଫନ୍ଦେ, ସଞ୍ଜୁକାଣ୍ଡ, ସବିତା ଶର୍ମା, ଲିଲା ଯାଦବ, ଛୋରା ଚନ୍ଦ୍ରକାର ପ୍ରମୁଖ ସାମିଲ ଥିଲେ।

## ହୃଦାନନ୍ଦ ସାହୁଙ୍କ ବିୟୋଗରେ ଶୋକସଭା

**କେସିଙ୍ଗା, ୧୭ ।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନସ୍ଥ ବାଲସି ପଞ୍ଚାୟତ ଅଧୀନସ୍ଥ କୋକୋଡ଼ମାଲ ଗ୍ରାମର ସ୍ୱର୍ଗତ ହୃଦାନନ୍ଦ ସାହୁ(୫୫)ଙ୍କ ଅକାଳ ବିୟୋଗରେ ଏକ ଶୋକସଭା କରାଯାଇଛି। ସଭାପତି ମନୋହର ସାହୁଙ୍କ ସଭାପତିତ୍ୱରେ ବୁଧବାର ଏକ ଶୋକ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଠାକୁର ସାହୁ, ସାହୁ ସମାଜର ଜିଲ୍ଲା ସାଧାରଣ ସମ୍ପାଦକ ନବୀନ ସାହୁ, ବଗାଡ଼ ମଣ୍ଡଳର ସୁଲପାଣି ସାହୁ, କାର୍ଜି କିଶନ ସାହୁ, ବିରଞ୍ଚି ସାହୁ ସ୍ୱର୍ଗତ ହୃଦାନନ୍ଦ ସାହୁଙ୍କ ଜୀବନୀ, ଆଦର୍ଶ ଉପରେ ଆଲୋକପାତ କରିଥିଲେ। ବାଲସିମଣ୍ଡଳର ସମ୍ପାଦକ ଅଶ୍ୱନି କୁମାର ସାହୁ, କୁଳ ପୁରୋହି ଟୁନା ପ୍ରହରାଜଙ୍କ ଦ୍ୱାରା ଶ୍ରୀମଦ୍‌ଭାଗବତ ଗୀତା ପଠନ କରାଯାଇ ଥିଲା। ହେମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଆ ସାହିତ୍ୟ ଓ ଭାଷାପ୍ରତି ମନୋହରଙ୍କ ଅବଦାନ ସ୍ମରଣୀୟ

## ସିନାପାଲିରେ କବି ମନୋହର ମେହେରଙ୍କ ଜୟନ୍ତୀ

**ସିନାପାଲି, ୧୭ ।୪(ସମିସ):** ଆଜିକୁ ପ୍ରାୟଶହେ ଚାଳିଶିବର୍ଷ ପୂର୍ବେ ଓଡ଼ିଶା ଛତିଶଗଡ଼ ସୀମାରେ ଜନ୍ମଲାଭ କରି ପଲ୍ଲୀକବି ମନୋହର ମେହେର ଓଡ଼ିଆ ସାହିତ୍ୟ ଓ ଭାଷାପ୍ରତି ଯେଉଁ ଅବଦାନ ରଖି ଯାଇଛନ୍ତି ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ବୁଧବାର କବିଙ୍କ ଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଛି। ସ୍ଥାନୀୟ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ଆୟୋଜିତ ଜୟନ୍ତୀ ସଭାରେ ଯୁବକବି ଲଳିତ କୁମାର ସୁନାରୀ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବରେ ଚିନ୍ତାମଣି ସାହୁ, ମୁରଲୀଧର ସା, କୁମୁଦବନ୍ଧୁ ଯୋଷୀ, କନକବର୍ଦ୍ଧନ ସାହୁ, ତରୁଣ କୁମାର ମେହେର ମଞ୍ଚାସିନ ଥିଲେ। ବଂଶୀଧର ଜଗତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଚୂଡ଼ାମଣି ମେହେର, ଲୋଚନମେହେର, ଦିବ୍ୟରଞ୍ଜନ ନାଏକ, ହରେକୃଷ୍ଣ ମେହେର, ନିଳାଞ୍ଚଳ ମେହେର, ସବ୍ୟସାଚୀ ସାହୁ, ରୂପେଶ ଚନ୍ଦ୍ର ମେହେର, ଶିବପ୍ରସାଦ ମେହେର, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ଗୌତମ ମେହେର, ପ୍ରେମାନନ୍ଦ ମେହେର, ରଶ୍ମୀରଞ୍ଜନ ସା, ବୈଷ୍ଣବ ମେହେରଙ୍କ ସହ ଅଞ୍ଚଳର ଅନେକ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ପରେଶ ନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




# ଖୁଟ୍ଟୁଲୁମୁଣ୍ଡା ଗାଁରେ ଆମ୍ବେଦକର ଜୟନ୍ତୀ ପାଳିତ

**ତୁରେକେଲା, ୧୭।୪(ସମିସ)**

ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଖୁଟୁଲୁମୁଣ୍ଡା ଗ୍ରାମରେ ସାଇଭାଇ ସୋସିଆଲ ୱାର୍କର ଫାଉଣ୍ଡର ସାଇଭାଇ ରାଜେନ୍ଦ୍ର ଦୀପ ଓ ପରିଚାଳନା ଉପେନ୍ଦ୍ର ଦୀପଙ୍କ ତତ୍ତ୍ୱାବଧାନ ରେ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କୃତତ୍ୱ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ହାଜି ମହମ୍ମ ଆୟୁବ ଖାଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବିଜେପି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ, ସମାଜ ସେବିକା ପିଙ୍କି ଖରସେଲ, ପୁରନ୍ଦର ବାଗ, ସଂଖ୍ୟାଲଘୁ ସଂମ୍ପ୍ରଦାୟର ସଦସ୍ୟ ଅବଦୁଲ ଗଫର ଖାନ, ସ୍ଥାନୀୟ ବାସିନ୍ଦା ଗଫର ଖାନ, ସାମ୍ବାଦିକ ତୁଳସିରାମ ଜଗତ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ସାମ୍ବାଦିକ ରୋହନ କୁମାର ମହତ, ସାମ୍ବାଦିକ ହୁଲେଶ୍ୱର ହଂସ, ଯୁବ ଆଇନଜୀବୀ ତଥା ଗରୀବ ସେନା କଣ୍ଟାବାଞ୍ଜି ସଭାପତି ଦିନେଶ ତାଣ୍ଡି, ସଙ୍ଗୀତକାର ଶୋଭିତ ତାଣ୍ଡି, ଆଇନଜୀବୀ ଯୋଗୀପ୍ରସାଦ ବାଗ, ଦେଶବନ୍ଧୁ ବାଗ କଳାକାର ମେଲୋଡି ସିଙ୍ଗର ଅଶୋକ କୁମାର, ସେହେଜଦ ଖାନ, ମିଷ୍ଟର କଣ୍ଟାବାଞ୍ଜି ଯୋଗେଶ ପନିକା, ପ୍ରଦୀପ ଦାସ, ବେଷ୍ଟ ଆର୍ଟିଷ୍ଟ ଇନ୍ଦୁ ସଗରିଆ, ସମାଜସେବୀ ବ୍ରହ୍ମ ସିଂ ମହାନନ୍ଦ, ନରେନ୍ଦ୍ର ଦୀପ, ସାମ୍ବାଦିକ ମୋହନ ସୁନା, ଅନ୍ତର୍ଜାତୀୟ ବାଇକ ରାଇଡ଼ର ୱାସୀମ ଖାନ, କଳାପ୍ରେମୀ ଭୁବନ ସଗରିଆ, ମାୟାବିନୀ ସଗରିଆ, ଓଡ଼ିଶୀ ନୃତ୍ୟଆର୍ଟିଷ୍ଟ କାନ୍ତି ସଗରିଆ ସୋସିଆଲ ୱାର୍କର ସଦସ୍ୟ ଏମଡି ରେହନ, ସାମାଜିକ କର୍ମୀ ଜିତୁ ସୁନା, ବେଷ୍ଟ ଫୋଟୋଗ୍ରାଫର ବେଦପ୍ରକାଶ ରଣା, ଉପାସନା ଚୌହାନ, କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତଭଣ୍ଡାର ଟେକନିସିଆନ ଦୁର୍ଗାପ୍ରସାଦ ତାଣ୍ଡି, ସାମ୍ବାଦିକ ହରିଶକୁମାର ବାରିକ, ସାମ୍ବାଦିକ ଯୁଗଳକିଶୋର ଶବର, ସାଉଣ୍ଡ ମାଷ୍ଟର ମିଶ୍ର ନାୟକ ତଥା ବିଭିନ୍ନ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ସମୂହକୁ ସମ୍ମାନିତ କରାଯଇଥିଲା। ମୁଖ୍ୟ ଆକର୍ଷଣ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ରକଷ୍ଟାର ରୁକୁ ସୁନା ଯୋଗଦେଇ କଳାକାରଙ୍କୁ ସମ୍ମାନିତ କରିବା ସହ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ।



